# ରାଇସ୍ ମିଲ୍‌ରେ ରାତିଅଧିଆ ଚଢ଼ାଉ

## ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ

**ବାହାନଗା, ୩।୧୦(ଅରୂପ୍ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ପଞ୍ଚାୟତ ମୁଲକୁଢେଇ ଗ୍ରାମରେ ଥିବା ରମାଦେବୀ ଫୋର୍ଡସ୍ ବା ରାଇସ୍ ମିଲ୍ ବୁଧବାର ରାତିରେ ରମାଦେବୀ ରାଇସ୍ ମିଲ୍ ଉପରେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡଙ୍ଗୀ ଅତର୍କିତ ଚଢାଉ କରିଥିଲେ। ଏହି ଘଟଣାରେ ରାତିରେ କିଛି ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ କରାଯାଇଥିବା ନେଇ ଖନ୍ତାପଡା ଥାନାରେ ଅଭିଯୋଗ ହୋଇଛି।

ଏହି ରାଇସ ମିଲ୍ ସରକାରଙ୍କଠାରୁ ଧାନ ନେଇ ଚାଉଳ କରି ସରକାରଙ୍କୁ ଯୋଗାଇଥାଏ। ସେହି ଅନୁଯାୟୀ ଚଳିତବର୍ଷ ସରକାର ୨ ଲକ୍ଷ କୁଇଣ୍ଟାଲ ୧୬୦ କେଜି ଧାନ ମିଲ୍ ମାଧ୍ୟମରେ କିଣିଥିଲେ। ମିଲର ସରକାରଙ୍କୁ କୁଇଣ୍ଟାଲ ଧାନରେ ୬୫ କିଲୋ ଚାଉଳ ଯୋଗାଇ ଦେବାର ନିୟମ ଅଛି। ମାତ୍ର ସେହି ଧାନରେ ମିଲର ୧ଲକ୍ଷ ୬୦ହଜାର କୁଇଣ୍ଟାଲ ଚାଉଳ ଯୋଗାଣ ବିଭାଗକୁ ଦେଇସାରିଛି। ମାତ୍ର ଆଉ ଅବଶିଷ୍ଟ ଚାଉଳ ଅକ୍ଟୋବର ୩୦ ସୁଦ୍ଧା ଦେବାର ନିୟମ ଅଛି। ମାତ୍ର ବାଲେଶ୍ୱର ଏମ୍‌ପିଙ୍କଠାରେ ରମାଦେବୀ ମିଲର ଧାନକିଣା ଓ ଷ୍ଟକରେ ହେରଫେର୍ ହୋଇଥିବା ଅଭିଯୋଗ ହେବା ପରେ ସେ ଅଚାନକ ଉପଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀ ପୋଲିସ୍ ଫୋର୍ସ ସହିତ ଅଚାନକ ମିଲ୍ ଉପରେ ଚଢାଉ କରିଥିଲେ। ଚଢାଉ ବେଳେ ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିକ୍ରେ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସ, ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ହିମାଂଶୁ ସାହୁଙ୍କ ସମେତ ଖନ୍ତାପଡା ଥାନା ପୋଲିସ୍ ଫୋର୍ସ ଓ ବାହାନଗା ଭାଜପାର ଦାଣ୍ଡକାଳୀ ମଣ୍ଡଳ ସଭାପତି ତଥା ଏମ୍‌ପିଙ୍କ ପ୍ରତିନିଧି ଦିଲୀପ କୁମାର ଦାସ ପ୍ରମୁଖ ଯାଞ୍ଚ ବେଳେ ଉପସ୍ଥିତ ଥିଲେ। ଯାଞ୍ଚ ବେଳେ ସରକାରଙ୍କ ପିଡିଏଫ ଚାଉଳ କେତେ ଗଚ୍ଛିତ ରହିଛି କାଗଜପତ୍ରରେ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଠିକ୍ ଠାକ୍



ଏମ୍‌ପି ପ୍ରତାପ ଷଡଙ୍ଗୀ ଅନ୍ୟ ଅଧିକାରୀଙ୍କ ସହ ଚଢାଉ କରୁଛନ୍ତି।

ଥିବା ବେଳେ ଗଚ୍ଛିତ ଚାଉଳ ଓ ଗଚ୍ଛିତ ଧାନକୁ ଯାଞ୍ଚ କରାଯାଇଥିଲା। ଏମ୍‌ପି ଷଡଙ୍ଗୀ ଓ ଉପଜିଲାପାଳ ରାଜଶିକ୍ରେ କାଗଜପତ୍ର ଯାଞ୍ଚ ଓ ଚାଉଳର ଷ୍ଟକ, ଧାନର ଷ୍ଟକ ଦେଖି ଗଣତି କରି ଠିକ୍ ଠାକ୍ ଅଛି କି ନାହିଁ ଯାଞ୍ଚ କରିବା ପାଇଁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ପଳାଇଥିଲେ। ମାତ୍ର ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସ, ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ହିମାଂଶୁ ସାହୁଙ୍କ ସମେତ ଖନ୍ତାପଡା ଥାନା ପୋଲିସ୍ ଉପସ୍ଥିତିରେ ଗଣତି ରାତି ୧ଟା ପର୍ଯ୍ୟନ୍ତ କରାଯାଇଥିଲା। ବିଳମ୍ବିତ ରାତିରେ ମିଲ୍ ଭିତରେ କେତେକ ଗଣମାଧ୍ୟମର ପ୍ରତିନିଧି ଖବର ସଂଗ୍ରହ କରିବା ସହିତ ଗଣତିକୁ ଭିଡିଓ ସୁଟିଂ କରୁଥିବା ବେଳେ ମିଲ୍‌ରେ କାମ କରୁଥିବା ଶ୍ରମିକମାନେ ବିରୋଧ କରିବା ସହିତ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଫଳରେ ଶ୍ରମିକ ଓ ମିଲ୍‌ର ଅନ୍ୟମାନେ ଦୁଇଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ କରିଥିଲେ। ଏ ବାବଦରେ ଗଣମାଧ୍ୟମ ପ୍ରତିନିଧି ଗୁରୁବାର ସକାଳେ ଖନ୍ତାପଡା ଥାନାରେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ମିଲର ମାଲିକ ଗୌତମ ପାତ୍ର ଗୋଟିଏ ଥାନାରେ ଅଭିଯୋଗ କରିଥିବା ବେଳେ ଶ୍ରମିକମାନେ ଅନୁରୂପ ଭାବେ ଗଣମାଧ୍ୟମ ପ୍ରତିନିଧିଙ୍କ ନାମରେ ଥାନାରେ ଆଉ ଗୋଟେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସ କହିଛନ୍ତି, ଗଣ୍ଡଗୋଳ ବିଷୟରେ କିଛି ଜାଣିନାହାନ୍ତି ବୋଲି ପ୍ରକାଶ କରିବା ସହିତ ଷ୍ଟକରେ ଯେତିକି ରହିବା କଥା ତାହା ସବୁ ଠିକ୍ ଠାକ୍ ଅଛି। ଯେତକ ଧାନ ମିଲରକୁ ଦିଆଯାଇଥିଲା, ସେତିକି ଧାନର ଚାଉଳ ସେ ଦେବା ପରେ ଆଉ ବାକି ୩୨ ହଜାର କୁଇଣ୍ଟାଲ ଚାଉଳ ଅଛି। ସେହି ଚାଉଳ ଅକ୍ଟୋବର ୩୦ ତାରିଖ ସୁଦ୍ଧା ସରକାରଙ୍କୁ ଦେବାର ନିୟମ ଅଛି। ସେହି ଅନୁଯାୟୀ ସେ ସମସ୍ତ ଚାଉଳ ଦେବ। କୌଣସି ହେର୍‌ଫେର୍ ହୋଇ ନ ଥିବା ପ୍ରକାଶ କରିଥିଲେ।

# ବାଲେଶ୍ୱରର ନୂତନ ଏସ୍‌ପି ରାଜ ପ୍ରସାଦ

## ସମୁଦ୍ର ପଥରେ ଅପରାଧ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**ବାଲେଶ୍ୱର,୩।୧୦(ବାଞ୍ଛାନିଧି ଦେ)**

ବାଲେଶ୍ୱରରେ ନୂତନ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ୨୦୧୮ ବ୍ୟାଚ୍‌ର ଆଇପିଏସ୍ ରାଜ ପ୍ରସାଦ। ସେ ପୂର୍ବରୁ ବୌଦ୍ଧ ଜିଲାରେ ଏସ୍‌ପି ଭାବେ କାର୍ଯ୍ୟରତ ଥିଲେ। ସାଗରିକା ନାଥଙ୍କ ବଦଳି ପରେ ଗୁରୁବାର କାର୍ଯ୍ୟରେ ଯୋଗ ଦେଇଛନ୍ତି ନୂତନ ଏସ୍‌ପି। ତାଙ୍କୁ ଜିଲା ପୋଲିସ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲାରେ ଆଇନଶୃଙ୍ଖଳା ଓ ନିଶା କାରବାର ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ। ଜିଲାରେ ଶାନ୍ତି, ଏକତା ବଜାୟ ରହିବ। ଆଗକୁ ଥିବା ପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳା ଭାବେ ପାଳନ କରାଯିବ। ନୂତନ କୌଶଳ ଜ୍ଞାନ ପଦ୍ଧତି ତଥା ଡ୍ରୋନ୍ ବ୍ୟବହାର କରାଯିବ। ବ୍ରାଉନ୍‌ସୁଗାର ବ୍ୟବସାୟ ଓ ଅପରାଧ ନିୟନ୍ତ୍ରଣ ସହ ସମୁଦ୍ରପଥରେ ଆତଙ୍କବାଦ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି



ଆଇପିଏସ୍ ରାଜ ପ୍ରସାଦ।

ସେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି।

ପୂର୍ବରୁ ଥିବା ଏସ୍‌ପି ସାଗରିକା ନାଥ ଖୋର୍ଦ୍ଧା ଜିଲା ଏସ୍‌ପି ଭାବେ ବଦଳି ହୋଇଛନ୍ତି। ଜିଲା ପୋଲିସ ପକ୍ଷରୁ ତାଙ୍କୁ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଦୁଇବର୍ଷ କାର୍ଯ୍ୟକାଳ ମଧ୍ୟରେ ଏସ୍‌ପି ନାଥ ଜିଲାରେ ଆଇନଶୃଙ୍ଖଳା ବଜାୟ ରଖିବା ସହ ଅପରାଧିକ କାର୍ଯ୍ୟକଳାପ ବିରୋଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରିଥିଲେ।

# ସ୍କୁଲ ପୋଷାକ ତିଆରି ଲାଗି ବିଇଓ କାର୍ଯ୍ୟାଳୟ ଘେରାଉ

## ପୁଣି ତଦନ୍ତର ପ୍ରତିଶ୍ରୁତି

**ଜଳେଶ୍ୱର, ୩।୧୦(ରବିନାରାୟଣ ପାତ୍ର)**

ଜଳେଶ୍ୱର ବ୍ଲକ ବିଦ୍ୟାଳୟଗୁଡିକର ଛାତ୍ରୀଛାତ୍ରଙ୍କ ଲାଗି ପୋଷାକ କୋଟସାହି ପଞ୍ଚାୟତ ଗୋବର୍ଦ୍ଧନପୁର ଗାଁର କ୍ଷୁଦ୍ର ଉଦ୍ୟୋଗୀମାନେ ତିଆରି କରିଥାନ୍ତି। ଚଳିତବର୍ଷ ମଧ୍ୟ ୨୦୧୩ ନିୟମକୁ ଲକ୍ଷ୍ୟ କରି ଏହି ପୋଷାକ ନିର୍ମାଣ ଲାଗି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ବିଜ୍ଞାପନ ପ୍ରକାଶ ପାଇଥିଲା। ଚଳିତବର୍ଷ ଏହା ପୋଷକ ନିର୍ମାଣ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ କମ୍‌ସଂଖ୍ୟକ ପୋଷାକ ତିଆରି ପାଇଁ ନିର୍ଦ୍ଦେଶ ହୋଇଥିବା ଗୁରୁବାର ଅଭିଯୋଗ ହୋଇଛି। ଫଳରେ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବିଇଓ କାର୍ଯ୍ୟାଳୟରେ ଧାରଣା ଦିଆଯାଇଥିଲା।

ଲକ୍ଷ୍ମୀନାରାୟଣ ମହିଳା ସଂଘ ଅଧୀନରେ ଥିବା ବିଶ୍ୱକର୍ମା ଉତ୍ପାଦିକା ଗୋଷ୍ଠୀ ପ୍ରଥମେ ଅଭିଯୋଗ କରିଥିଲେ। ଏହାକୁ ସମର୍ଥନ ଜଣାଇ ବ୍ଲକ ସଂଘର ମହିଳା ଗୋଷ୍ଠୀ ବିଇଓଙ୍କ ସହିତ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ନୀତିନିୟମ ଓ ଗାଇଡଲାଇନ୍ ଅନୁଯାୟୀ ବିଦ୍ୟାଳୟ ପୋଷାକ ତିଆରି କରିବାକୁ ସ୍ୱୟଂ ସହାୟକ ଗୋଷ୍ଠୀକୁ ଅନୁମତି ଦେବା ପାଇଁ ଦାବି କରିଥିଲେ। ଅନ୍ୟପକ୍ଷରେ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ଏହାର ୨ୟ ଥର ତଦନ୍ତ କରି ସ୍ୱୟଂ ସହାୟକ ଗୋଷ୍ଠୀ ଓ କ୍ଷୁଦ୍ରଶିଳ୍ପ ମାଲିକମାନଙ୍କ ସହିତ ଆଲୋଚନା କରି ନିର୍ଦ୍ଦେଶ ଦିଆଯିବା ସମ୍ପର୍କରେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଏଫ୍ଏମ୍‌ୟୁରେ ଗଠନ ହେଲା ନୂତନ ରୋଟାରାକ୍ଟ କ୍ଲବ





କ୍ଲବ ଗଠନ ବୈଠକରେ କୁଳପତିଙ୍କ ସହ ଅନ୍ୟମାନେ।

**ବାଲେଶ୍ୱର, ୩।୧୦(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ନୂଆପାଢୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ (ଏଫ୍ଏମ୍‌ୟୁ)ରେ ଗୁରୁବାର ନୂତନ ଭାବେ ରୋଟାରାକ୍ଟ କ୍ଲବ ଗଠିତ ହୋଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଓ ବାଲେଶ୍ୱର ରୋଟାରୀ କ୍ଲବର ସହଯୋଗରେ ଏହି କ୍ଲବ ଗଠନ କରାଯାଇଛି। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ସଂଯୋଜକ ଡ. ପ୍ରତିମା ପ୍ରଧାନ, ରୋଟାରୀ କ୍ଲବ ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ସମ୍ପାଦକ ପ୍ରବାଳ ସିହ୍ନା, ଉପଦେଷ୍ଟା ସୁବ୍ରତ କୁମାର କର, ଦେବେନ୍ଦ୍ର କୁମାର ଧଳ, ଏସ୍‌କେ ଅସଗର ଅଲ୍ଲୀ ଓ ଚିତ୍ତରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି କ୍ଲବ ଗଠନର ଆଭିମୁଖ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ।

କ୍ଲବ ପରିଚାଳନା ପାଇଁ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀ ପ୍ରଦାନ କରାଯାଇଥିଲା। ସଭାପତି ସ୍ଲୋଗାନ ବାରିକ, ସମ୍ପାଦିକା ମନୀଷା ସାହୁ, ଉପସଭାପତି ସୁଶ୍ରୀ ବାରିକ, ଯୁଗ୍ମ ସଚିବ ଋତୁରାଜ ମହାପାତ୍ର, କୋଷାଧ୍ୟକ୍ଷ ଭାବେ ଆଶିଷ କୁମାର ସାମଲଙ୍କୁ ଚୟନ କରାଯାଇଥିଲା। ଏହି ଅବସରରେ କୁଳପତି ତ୍ରିପାଠୀ କ୍ଲବର କର୍ମକର୍ତ୍ତାଙ୍କ ଦାୟିତ୍ୱ ନିର୍ବାହ, ନେତୃତ୍ୱ, ସ୍ୱେଚ୍ଛାସେବୀ ମନୋଭାବ, ଗୋଷ୍ଠୀ ତଥା ସାମାଜିକ ତତ୍ତ୍ୱ ସହ ସଂଯୋଗ ସ୍ଥାପନ ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଦେଶ ଓ ରାଜ୍ୟସ୍ତରରେ ରୋଟାରୀ କ୍ଲବର ଭୂମିକା ସମ୍ପର୍କରେ ଛାତ୍ରୀଛାତ୍ର ପଚାରି ବୁଝିଥିଲେ।

# ଡ. ସିଦ୍ଧାର୍ଥ ପତିଙ୍କୁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର

**ବାଲେଶ୍ୱର, ୩।୧୦(ବାଞ୍ଛାନିଧି ଦେ)**

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବାଲେଶ୍ୱରର ବୈଜ୍ଞାନିକ ଡ. ସିଦ୍ଧାର୍ଥ ପତିଙ୍କୁ ସମ୍ମାନଜନକ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ-୨୦୨୪ ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରର ମେ ଫେୟାର ସମ୍ମିଳନୀ କକ୍ଷରେ ଗୁରୁବାର ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ମୁଖ୍ୟଅତିଥି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଡ. ପତିଙ୍କୁ ୧ ଲକ୍ଷ ଟଙ୍କାର ଅର୍ଥରାଶି ସହ ସ୍ୱତନ୍ତ୍ର ସ୍ମୃତି ସନ୍ତକ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଡିଶନାଲ ଚିଫ୍ ସେକ୍ରେଟାରୀ ସତ୍ୟବ୍ରତ ସାହୁ, ପ୍ରିନ୍ସିପାଲ ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟସ ଦେବୀଦତ୍ତ ବିଶ୍ୱାଳ, ପ୍ରିନ୍ସିପାଲ ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟସ ୱାଇଲ୍ଡ ଲାଇଫ୍ ସୁଶାନ୍ତ ନନ୍ଦ ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ। ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ଡ. ପତି ଜାତୀୟ ତଥା ଆନ୍ତର୍ଜାତୀୟସ୍ତରରେ ବହୁ ଖ୍ୟାତି ଅର୍ଜନ କରିଛନ୍ତି। ଆସୋସିଏଶନ୍ ଫର୍ ବାୟୋ ଡାଇଭରସିଟି କନଜରଭେଶନ୍ ଆଣ୍ଡ ରିସର୍ଚ୍ଚର ପ୍ରତିଷ୍ଠାତା ଭାବେ ହର୍ସୋକ୍ରାବ୍ ଓ ଅନ୍ୟ ସାମୁଦ୍ରିକ ପ୍ରଜାତିର ସଂରକ୍ଷଣ ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛନ୍ତି। ସମ୍ପ୍ରତି ନାଟନୋଭ ବାୟୋ ସାଇନ୍ସରେ ବୈଜ୍ଞାନିକ ତଥା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ସେ ଓଡ଼ିଶା ବନବିଭାଗ ପକ୍ଷରୁ ବିଜୁ ପଟ୍ଟନାୟକ ଆୱାର୍ଡ଼ ଫର୍ ୱାଇଲ୍ଡ ଲାଇଫ୍ କନଜରଭେଶନ୍ ଉପଖଣ୍ଡସ୍ତରୀୟ ୨୦୧୭ ଏବଂ ବ୍ରିଟେନ୍‌ର କନଜରଭେଶନ ଲିଡରଶିପ୍ ପ୍ରୋଗ୍ରାମ୍ ଦ୍ୱାରା ଫ୍ୟୁଚର୍ ଅଫ୍ କନଜରଭେଶନିଷ୍ଟ ଆୱାର୍ଡ଼ ୨୦୧୮ ସମେତ ବହୁ ପୁରସ୍କାର ଗ୍ରହଣ କରିଛନ୍ତି। ୨୦୨୩ରେ ଇଣ୍ଡୋନେସିଆ ସରକାରଙ୍କ ଦ୍ୱାରା ୟୁନିସର୍ଫ ପୁରସ୍କାରରେ ସମ୍ମାନିତ ହୋଇଥିଲେ।





ଅତିଥିଙ୍କଠାରୁ ପୁରସ୍କୃତ ହେଉଛନ୍ତି ଡ. ସିଦ୍ଧାର୍ଥ ପତି।

# ଆଞ୍ଚଳିକ ଉନ୍ନୟନ ପରିଷଦର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ



ମଞ୍ଚାସୀନ ଅତିଥି।

**ଖଇରା, ୩।୧୦(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡସ୍ଥିତ ଆଞ୍ଚଳିକ ଉନ୍ନୟନ ପରିଷଦ ଆନୁକୂଲ୍ୟରେ କଲ୍ୟାଣ ମଣ୍ଡପରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ମଦନମୋହନ ମହଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖଇରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ କୁମାର ଖିଲାର ଯୋଗଦେଇ ଦୁଇ ଜନନାୟକଙ୍କର ଦେଶ ପାଇଁ ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ସୁବାଷ ଚନ୍ଦ୍ର ପ୍ରଧାନ, ସଭ୍ୟ ପଦ୍ମଲୋଚନ ଜେନା, ରାମଚନ୍ଦ୍ର ବେହେରା, ଅଭିମନ୍ୟୁ ରଉଳ ଓ ପଙ୍କଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଭାଗିରଥି ଦାସ ମଞ୍ଚ ପରିଚାଳନା କରିଥିଲେ। ପରେ ବୃକ୍ଷରୋପଣ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ଗ୍ରାମାଞ୍ଚଳରେ ଫଳପ୍ରଦ ହେଉ ସରକାରୀ ଯୋଜନା'

## କୃଷି ବିଭାଗର ସମୀକ୍ଷା ବୈଠକ

**ବାଲେଶ୍ୱର(ବାଞ୍ଛାନିଧି ଦେ)/ ରେମୁଣା(ରବୀନ୍ଦ୍ର ମହାକୁଡ଼), ୩।୧୦**

ବାଲେଶ୍ୱର ସର୍କିଟ୍ ହାଉସ୍‌ଠାରେ ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଗୁରୁବାର ଏକ ସମୀକ୍ଷା ବୈଠକ କରିଛନ୍ତି। ଜିଲା ତଥା ଜିଲା ଅଧୀନ ସମସ୍ତ ବ୍ଲକର କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ସମ୍ପଦ, ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ।

ସରକାରଙ୍କ ସମସ୍ତ ଯୋଜନା ଗ୍ରାମାଞ୍ଚଳରେ ଫଳପ୍ରଦ ଓ ସଫଳ ରୂପାୟନ କରିବା ପାଇଁ ବିଧାୟକ ଦାସ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ରାସାୟନିକ ସାରର ପ୍ରୟୋଗ ହ୍ରାସ ସହ ଜୈବିକ ସାର ବ୍ୟବହାର ସମ୍ପର୍କରେ ଚାଷୀଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ବିଧାୟକଙ୍କ କୃଷି ଏବଂ ମତ୍ସ୍ୟ ବିଭାଗ ପ୍ରତିନିଧି ସୁବୋଧ ଚନ୍ଦ୍ର ପଣ୍ଡା, ରେମୁଣା ବ୍ଲକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ସଦର ବ୍ଲକ ପ୍ରତିନିଧି ଲମ୍ବୋଦର ପ୍ରଧାନ, ବ୍ୟକ୍ତିଗତ ସହାୟକ କୃଷ୍ଣ ଚନ୍ଦ୍ର ସାହା, ବିଦ୍ୟୁତ୍ ବିଭାଗ ପ୍ରତିନିଧି ଗଜେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ସମୀକ୍ଷା କରୁଛନ୍ତି।

# ନଦୀପଠାରୁ ଯୁବକଙ୍କ ମୃତଦେହ ଜବତ

ନୀଳଗିରି, ୩।୧୦(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ଥାନା ଅଧୀନ କାଂଶ ପଞ୍ଚାୟତ କାଠପାଳ ପୋଲ ସ୍ଥିତ ସୋନ ନଦୀପଠାରୁ ଏକ ମୃତଦେହ ଜବତ କରାଯାଇଛି। ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଅଞ୍ଚଳବାସୀ ନୀଳଗିରି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ସହ ବିଷ ବୋତଲ, ନୀଳରଙ୍ଗର ଏକ ବ୍ୟାଗ୍ ଉଦ୍ଧାର କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ନୀଳଗିରି ମେଡିକାଲକୁ ପଠାଇଥିଲା। ଯୁବକଜଣକ ହେଲେ ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଦାମାସାହି ଗ୍ରାମର ବିନୟ କୁମାର ସିଂ (୨୫)। ନୀଳଗିରି ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୫୧/୨୦୨୪) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

# ବନ୍ଧୁକ ଦେଖାଇ ଲୁଟିନେଲେ ଗହଣା, ଟଙ୍କା

**ଜଳେଶ୍ୱର, ୩।୧୦**
**(ରବିନାରାୟଣ ପାତ୍ର/ନବୀନ ସାହୁ)**

ଜଳେଶ୍ୱରରୁ ଚନ୍ଦନେଶ୍ୱର ଯାଇଥିବା ୫୭ ରାଜ୍ୟ ରାଜପଥ ଡେମୁରିଆଠାରେ ଗତ ୨ତାରିଖ ରାତିରେ ଜଣେ ଅଳଙ୍କାର ବ୍ୟବସାୟୀଙ୍କଠାରୁ ଅଳଙ୍କାର ସହିତ ନଗଦ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି।

ସମ୍ପତ୍ତିଆ ପଞ୍ଚାୟତର ଘନଶ୍ୟାମ କାମିଳା ୫୭ ରାଜ୍ୟ ରାଜପଥର ଡେମୁରିଆ ବଜାରଠାରେ ମୀନତି ଜୁଏଲେରୀ ଦୋକାନ କରି ଅଳଙ୍କାର ବିକ୍ରି କରିଆସୁଥିଲେ। ସବୁଦିନ ପରି ସେ ଗତ ବୁଧବାର ରାତିରେ ଘରକୁ ଫେରୁଥିବା ବେଳେ ଡେମୁରିଆ ପୋଲ ନିକଟରେ ୩ଜଣ ବ୍ୟକ୍ତି ଏକ କଳା ବାଇକ୍‌ରେ ଆସି ଘନଶ୍ୟାମଙ୍କୁ ଭୟଭୀତ କରାଇଥିଲେ। ପରେ ତାଙ୍କୁ ମାଡ଼ ମାରିବା ସହ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଅଳଙ୍କାର ସହିତ ଟଙ୍କା ବ୍ୟାଗ୍ ଧରି ଚମ୍ପଟ ମାରିଥିଲେ। ଖବରପାଇ ନାମ୍ପୋ ଫାଣ୍ଡି ପୋଲିସ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଜଣେ ସନ୍ଦିଗ୍ଧ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏଥିରେ ମୋଟ ୧୦ଗ୍ରାମ୍ ସୁନା ଅଳଙ୍କାର ଓ ନଗଦ ୫ହଜାର ଟଙ୍କା ଲୁଟ ହୋଇଥିବା ସମ୍ପର୍କରେ ଘନଶ୍ୟାମ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଶରୀରରେ ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ବେଳେ ଜଳେଶ୍ୱର ଥାନାରେ ମାମଲା(ନଂ.୫୧୦/୨୪) ରୁଜୁ ହୋଇ ତଦନ୍ତ ଚାଲିଥିବା ଜଳେଶ୍ୱର ଆଇଆଇସି ରଞ୍ଜନ କୁମାର ସେଠୀ କହିଛନ୍ତି।

# ୬ରେ ପଦଯାତ୍ରା ପାଇଁ ବିଜେଡିର ପ୍ରସ୍ତୁତି

**ଖଇରା, ୩।୧୦(ଉତ୍କଳବନ୍ଧୁ ପଣ୍ଡା)**

ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକ୍ରମେ ପ୍ରଥମ ପର୍ଯ୍ୟାୟରେ ୨ରୁ ୬ତାରିଖ ପର୍ଯ୍ୟନ୍ତ ପ୍ରତି ବ୍ଲକରେ ଜନସମ୍ପର୍କ ପଦଯାତ୍ରା ପାଇଁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୫ରେ ସିମୁଳିଆ ଓ ୬ରେ ଖଇରା ବ୍ଲକରେ ପଦଯାତ୍ରା ଆୟୋଜନ ପାଇଁ ସିମୁଳିଆ ବିଜେଡି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ବୁଧବାର ଖଇରା ବିଜେଡି କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଜେଡି ନେତ୍ରୀ ସୁବାସିନୀ ସାହୁଙ୍କ ପ୍ରତିନିଧି ଶଶି କୁମାର ସାହୁ ଯୋଗଦେଇ ବର୍ତ୍ତମାନର ଭାଜପା ସରକାର ଯେଉଁସବୁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲା ତାହା ପୂରଣ କରିବାରେ ବିଫଳ ହୋଇଛି। ପଦଯାତ୍ରା ପାଳନ ଅବସରରେ ଏସବୁ ବିଷୟରେ କର୍ମୀମାନଙ୍କୁ ସଚେତନ କରାଯିବ। ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ପ୍ରସ୍ତୁତି ବୈଠକକୁ ନିମନ୍ତ୍ରଣ କରିଥିଲେ। ବୈଠକରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମହାନ୍ତି, ବର୍ତ୍ତମାନର ସରପଞ୍ଚ ପ୍ରତିନିଧି ରଘୁନାଥ ପଣ୍ଡା, ଶ୍ୟାମସୁନ୍ଦରପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ବିଶ୍ୱଭୂଷଣ ପ୍ରଧାନ, ଯୁବନେତା ଅନନ୍ତ ପ୍ରସାଦ ବାରିକ, ୬ନଂ. ଜୋନର ଜିଲା ପରିଷଦ ପ୍ରତିନିଧି ନରେନ୍ଦ୍ର ମହାପାତ୍ର, ସୁଧାକର ଦାସ, ସୁଶାନ୍ତ କୁମାର ମିଶ୍ର, ମୁକ୍ତିକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରେନ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

## ଟ୍ରେନ ଅଟକାଇ ଡାକ୍ତରଖାନା ନେଇଥିଲେ ରେଳ କର୍ମଚାରୀ

ନୀଳଗିରି, ୩।୧୦(ପ୍ରଶାନ୍ତ ବିଶ୍ୱାଳ)-ବାଲେଶ୍ୱର ଜିଲା ନୀଳଗିରି ଗୋପୀନାଥପୁର ଷ୍ଟେଶନରେ ଟ୍ରେନ୍ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ରେଳଧାରଣା ମଧ୍ୟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବକଜଣକ ପଡିଥିବା ବେଳେ ରେଳ କର୍ମଚାରୀମାନେ ଟ୍ରେନ୍‌କୁ ଅଟକାଇ ଗୁରୁତର ଅବସ୍ଥାରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ଅପରାହ୍ନରେ ଷ୍ଟେଶନ ସାହି ଲେଭଲକ୍ରସିଂ ନିକଟରେ ହଠାତ୍ ଜଣେ ଯୁବକ ଟ୍ରେନ ଆଗକୁ ଡେଇଁ ପଡିଥିଲେ। ଟ୍ରେନ ଧକ୍କାରେ ସେ ଗୁରୁତର ଆହତ ହୋଇଥିଲେ। ରେଳ କର୍ମଚାରୀ ଟ୍ରେନ ଅଟକାଇ ଯୁବକଙ୍କୁ ବାଲେଶ୍ୱର ନେଇ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଉକ୍ତ ଯୁବକ ହେଲେ ନୀଳଗିରି ଏନ୍ଏସି ୧୧ ନମ୍ବର ୱାର୍ଡ ଷ୍ଟେଶନସାହିର ବାଙ୍ଗୁରୁ ସିଂଙ୍କ ପୁଅ ବାପିଲି ସିଂ (୧୮)।

# ମଧ୍ୟାହ୍ନଭୋଜନ ପାଚିକା ସହାୟକ ସଂଘ ପକ୍ଷରୁ ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର





ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟାହ୍ନ ଭୋଜନ ପାଚିକା ସହାୟକ ସଂଘର ମହିଳା।

**ଜଳେଶ୍ୱର, ୩।୧୦(ନବୀନ ସାହୁ)**

ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟକ ସଂଘ ପକ୍ଷରୁ ଗୁରୁବାର ଏକ ଶୋଭାଯାତ୍ରା ଷ୍ଟେଶନ ଛକଠାରୁ ବାହାରି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ୧୦ ଦଫା ଦାବି ନେଇ ଜଳେଶ୍ୱର ବିଇଓଙ୍କ ଜରିଆରେ ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସର୍ବନିମ୍ନ ମଜୁରି ମାସକୁ ୨୬ ହଜାର ଟଙ୍କା, ଛଟେଇ ପାଚିକାଙ୍କୁ ପୁନଃ ନିଯୁକ୍ତି ସହିତ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟକ ସଂଘ ଜିଲା ସଭାପତି ମୃତ୍ୟୁଞ୍ଜୟ ରାଉତ, ରାଜ୍ୟ ସାଧାରଣ ସମ୍ପାଦିକା ଇଶାନି ଷଡ଼ଙ୍ଗୀ, ବ୍ଲକ ସଭାପତି ତ୍ରିଲୋଚନ ଜେନା, କାର୍ଯ୍ୟକାରୀ ସଭାପତି ରାମଶଙ୍କର ଜେନା, ବ୍ଲକ ସମ୍ପାଦିକା ସବିତା ସାହୁ, ସିଆଇଟିୟୁ ନେତା ଦିଲୀପ ଗିରି, ପଲ୍ଟୁ ଦାସ, ଜୀବନ ପରିଡା, ପାଚିକା କବିତା ଚାନ୍ଦ, ସବିତା ଚାନ୍ଦ, କୁନ୍ତଳା ବାରିକ, ସସ୍ମିତା ଡଗର, ସବିତା ଧଳ, ମିନତି ଭଞ୍ଜ ଓ ଗୌରିମଣି ମାହାନା ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ବ୍ୟବସାୟୀ ମୃତ

ବାସୁଦେବପୁର,୩।୧୦ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର-ଧାମରା ରାସ୍ତାର ବାଲିମୁଣ୍ଡା ନିକଟରେ ଗୁରୁବାର ଏକ ପିକ୍‌ଅପ୍ ଗାଡ଼ି ଧକ୍କାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନାୟକାଣିଡିହୀ ଥାନା ଅଧୀନ ଗଦଳା ଗ୍ରାମର ପରମେଶ୍ୱର କୁଅଁର(୪୦)। ସେ ବାସୁଦେବପୁର ହାଟରେ ଆଳୁ ବ୍ୟବସାୟ କରୁଥିଲେ। ସେ ବାଇକ୍‌ରେ ବାସୁଦେବପୁରକୁ ଆସୁଥିବା ବେଳେ ଏକ ପିକଅପ୍ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କଟକ ସ୍ଥାନାନ୍ତର ବେଳେ ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ସ୍ଥାନୀୟ ବ୍ୟବସାୟୀମାନେ ତାଙ୍କ ମୃତଦେହକୁ ଶୋଭାଯାତ୍ରାରେ ବାସୁଦେବପୁର ବଜାର ପରିକ୍ରମା କରାଇଥିଲେ।

# ପୁରୁଣାବଜାର ଏବେ ନକଲି ହବ୍

ଭଦ୍ରକ,୩।୧୦(ସନାତନ ରାଉତ)

- ନକଲି ଜର୍ଦ୍ଦା, ହଳଦୀ ଗୁଣ୍ଡ ସମେତ ପ୍ରସ୍ତୁତ ହେଉଛି ବେଆଇନ ସାମଗ୍ରୀ
- ଭଡ଼ାଘରେ, ନିଜ ଗୃହରେ ଚାଲୁଛି କାରଖାନା

ଭଦ୍ରକ ସହରର ପୁରୁଣାବଜାର ଏବେ ନକଲି ହବ୍ ପାଲଟିଛି। ବିଭିନ୍ନ ପ୍ରକାର ନାମୀଦାମୀ କମ୍ପାନୀର ଖାଉଟି ସାମଗ୍ରୀ ଓ ବିଭିନ୍ନ ବ୍ରାଣ୍ଡର ନକଲି ଜର୍ଦ୍ଦା ଏଠାରେ ପ୍ରସ୍ତୁତ କରାଯାଇ ବାହାରକୁ ଚାଲାଣ କରାଯାଉଛି। ବାଙ୍କାବଜାର, ଚନ୍ଦନବଜାର, ହେଲାସାହି, ଛଡ଼ାକମହଲା, ଲାହାପଟି, ସଙ୍ଗତ, ଚୌଖଣ୍ଡି, ଅଲାଲପୁର ଆଦି ଅଞ୍ଚଳରେ ବିଭିନ୍ନ ନାମୀଦାମୀ କମ୍ପାନୀର ଅଟା, ହଳଦୀଗୁଣ୍ଡ, ଗୁଟ୍‌ଖା, ପାନ ମସଲା, ଜର୍ଦ୍ଦା, ବିଭିନ୍ନ ମସଲା ଓ ଲଙ୍କାଗୁଣ୍ଡ ପ୍ରସ୍ତୁତ କରାଯାଉଛି। ଏସବୁ କାରଖାନା ଭଡ଼ାଘରେ ଓ ନିଜସ୍ୱ ଘରେ ଖୁଲମଖୋଲା ଚାଲୁଥିବା ବେଳେ ପୋଲିସ ପାଖରେ ମଧ ଏହାର ଖବର ରହିଛି। ବିଭିନ୍ନ ସମୟରେ ପୋଲିସ ପକ୍ଷରୁ କେତେକ ବେଆଇନ କାରଖାନାରେ ଚଢ଼ାଉ କରାଯିବା ସହ ବହୁ ପରିମାଣର ନକଲି ସାମଗ୍ରୀ ଜବତ କରାଯାଉଛି। ଏଥିରେ ସମ୍ପୃକ୍ତ କେତେକ ବ୍ୟକ୍ତିଙ୍କୁ ଗିରଫ କରାଯାଉଥିବା ବେଳେ ଆଉ ଅନ୍ୟ ମାନେ ଖସି ଯାଉଛନ୍ତି। ବାରମ୍ବାର ଚଢ଼ାଉ ସହ ସାମଗ୍ରୀ ଜବତ ସତ୍ତ୍ୱେ ଏହାର ଅନ୍ତଃ ଘଟୁନାହିଁ। ୨୦୨୨ରେ ଲଗାତାର ଭାବେ ଚଢ଼ାଉ କରାଯାଇ ନକଲି ଜର୍ଦ୍ଦା କାରଖାନା ଠାବ କରାଯାଇଥିଲା। ଡିଲକ୍ସ, ଗୋପାଳ-୬୦, କନକ ଆଦି ବ୍ରାଣ୍ଡର ହଜାର ହଜାର ସଂଖ୍ୟାର ଡବା ଓ ନକଲି ଜର୍ଦ୍ଦା ପ୍ରସ୍ତୁତରେ ବ୍ୟବହାର ହେଉଥିବା ରାସାୟନିକ ସାମଗ୍ରୀ, ବିଭିନ୍ନ ପ୍ରକାର ମେଶିନ ପୁରୁଣାବଜାର ପୋଲିସ ଜବତ କରିବା ପରେ ନକଲି ଉତ୍ପାଦନରେ କିଛି ମାତ୍ରାରେ ଅଙ୍କୁଶ ଲାଗିଥିଲା। ୨୦୧୮ ମସିହାରେ ମୁମ୍ବାଇର ଏକ ସ୍ୱତନ୍ତ୍ର ଟିମ୍ ଆସି ମାସେ କାଳ ଭଦ୍ରକରେ ଡେରା ପକାଇ ବିଭିନ୍ନ କାରଖାନା ଠାବ କରିବା ସହ ପ୍ରସ୍ତୁତକାରୀଙ୍କୁ ଗିରଫ କରି ନେଇଥିଲା। ଏବେ ଅତର୍କିତ ଚଢ଼ାଉ ହେଉ ନ ଥିବାରୁ ନକଲି କାରବାର ପୁଣି ଥରେ ବୃଦ୍ଧି ପାଉଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ପୁରୁଣାବଜାର ଥାନାଧିକାରୀ ନୀରୋଜ ସାମଲ କହିଛନ୍ତି, ବିଭିନ୍ନ ସମୟରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଉଛି। ଏହା ଉପରେ ସବୁବେଳେ ନଜର ରଖାଯିବା ସହ ଧରପଗଡ଼ କରାଯାଉଛି। ଏହି ନକଲି କାରବାର ରୋକିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି।

## ଯୋଗଦେଲେ ନୂତନ ଏସ୍‌ପି

ଭଦ୍ରକ,୩।୧୦(ସନାତନ ରାଉତ)


ମଡକର୍ ସନ୍ଦୀପ ସମ୍ପଦ।

ଭଦ୍ରକ ପୋଲିସ ମୁଖ୍ୟାଳୟରେ ନୂତନ ଏସ୍‌ପି ଭାବେ ମଡକର୍ ସନ୍ଦୀପ ସମ୍ପଦ ଗୁରୁବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବୁଧବାର ସନ୍ଧ୍ୟାରେ ସେ ଭଦ୍ରକରେ ପହଞ୍ଚି ସର୍କିଟ୍ ହାଉସରେ ଜିଲାପାଳ ଦିଲୀପ ରାଉତରାଏ, ପୂର୍ବତନ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ସହ ସାକ୍ଷାତ୍ ପରେ ପୋଲିସ ମୁଖ୍ୟାଳୟରେ ପହଞ୍ଚିଥିଲେ। ସେ ଏହା ପୂର୍ବରୁ ଢେଙ୍କାନାଳ ଜିଲାର ଏସ୍‌ପି ଥିଲେ। ଧୁଷୁରୀ ଥାନା ଅଧୀନ ଗୋଡ଼ିପୋଖରୀ ସଂଘବଦ୍ଧ ଆକ୍ରମଣ ଘଟଣା, ବିବାଦୀୟ ପୋଷ୍ଟକୁ ନେଇ ଭଦ୍ରକ ପୁରୁଣାବଜାର ଓ ଧାମନଗରରେ ବିଏନ୍‌ଏସ୍‌ଏସ୍ ୧୬୩ ଧାରା ଜାରି ରହିଥିବା ବେଳେ ଭଦ୍ରକ ଏବେ ଚର୍ଚ୍ଚାରେ ରହିଛି। ଆଗକୁ ବୁଢ଼ା, ଟୋକା, ପିଲା ଗଣେଶ ଭସାଣି, ଦୁର୍ଗାପୂଜା ଓ ଭଦ୍ରକର ଗଣପର୍ବ କାଳୀପୂଜା ଆସୁଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ନୂତନ ଏସ୍‌ପିଙ୍କ ପାଇଁ ଚ୍ୟାଲେଞ୍ଜର ବିଷୟ ବୋଲି ଚର୍ଚ୍ଚା ହେଉଛି।

## ଓଡ଼ିଶା ଟିମ୍‌ରେ ଧର୍ମେଶ ନାରାୟଣ

### ଜାତୀୟସ୍ତରୀୟ ସର୍ବକନିଷ୍ଠ ହ୍ୟାଣ୍ଡବଲ୍ ପ୍ରତିଯୋଗିତା


ଧର୍ମେଶ ନାରାୟଣ

ଭଦ୍ରକ,୩।୧୦(ସନାତନ ରାଉତ)

ତେଲଙ୍ଗାନା ସିକନ୍ଦରାବାଦ ଷ୍ଟାଡିୟମ୍‌ରେ ୩୮ତମ ଜାତୀୟ ସର୍ବକନିଷ୍ଠ ହ୍ୟାଣ୍ଡବଲ ପ୍ରତିଯୋଗିତା ଗୁରୁବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ଚାଲିବ। ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ବାଳକ ଦଳରେ ଭଦ୍ରକ ଜିଲାରୁ ଧର୍ମେଶ ନାରାୟଣ ସାହୁ ମନୋନୀତ ହୋଇଛନ୍ତି। ଧର୍ମେଶ ବନ୍ତ ବ୍ଲକ ଅଳଡଡି ଗ୍ରାମର ଶୀର୍ଷେନ୍ଦୁ କୁମାର ସାହୁ ଓ ଭବାନୀ ପ୍ରିୟଦର୍ଶିନୀ ସାହୁଙ୍କ ପୁଅ। ସେ ଭଦ୍ରକ ଏସ୍‌ବିଡି ଇଣ୍ଟର ନ୍ୟାଶନାଲ ସ୍କୁଲର ୯ମ ଶ୍ରେଣୀ ଛାତ୍ର। ତାଙ୍କ ବାପା ଜଣେ ରାଜ୍ୟସ୍ତରୀୟ ଫୁଟ୍‌ବଲ ଖେଳାଳି ଥିଲେ। ସ୍କୁଲର କ୍ରୀଡ଼ା ଶିକ୍ଷକ ମନୋଜ କୁମାର ସାହୁଙ୍କ ପ୍ରଚେଷ୍ଟାରେ ତାଙ୍କୁ ଏହି ସଫଳତା ମିଳିଥିବା ବେଳେ ସ୍କୁଲର ଅଧକ୍ଷ ଯୁଧିଷ୍ଠିର ଦେବତା ଓ ଚେୟାରମ୍ୟାନ ଦେବାଶିଷ ଦୀକ୍ଷିତ ଶୁଭେଚ୍ଛା ଜଣାଇଛନ୍ତି।

## ବିଦ୍ୟାଳୟ ପରିଦର୍ଶନ କଲେ ଓର୍‌ମାସ ନିର୍ଦ୍ଦେଶିକା


ଓର୍‌ମାସର ନିର୍ଦ୍ଦେଶିକା ଗୁହା ପୁନମ ତାପସ କୁମାର ଓ ଅଧିକାରୀମାନେ ଛାତ୍ରୀଛାତ୍ରଙ୍କ ସହ ମଧ୍ୟାହ୍ନଭୋଜନ ଖାଉଛନ୍ତି।

ଧାମନଗର,୩।୧୦(ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

ଓର୍‌ମାସର ନିର୍ଦ୍ଦେଶିକା ଗୁହା ପୁନମ ତାପସ କୁମାର ଗୁରୁବାର ଭଦ୍ରକ ଜିଲା ଧାମନଗର ବ୍ଲକର ଦେଶବନ୍ଧୁ ସରକାରୀ ଉ.ପ୍ରା. ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ତାଙ୍କ ସହ ଜିଲାପାଳ ଦିଲୀପ ରାଉତରାଏ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ବିଡିଓ ବନବିହାରୀ ଦିଣ୍ଡା, ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ, ମଣ୍ଡଳ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଓ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା ଦେଶବନ୍ଧୁ ସରକାରୀ ଉ.ପ୍ରା. ବିଦ୍ୟାଳୟ ବୁଲି ଦେଖିଥିଲେ। ମଧ୍ୟାହ୍ନ ଭୋଜନର ମାନ ଓ ବିଦ୍ୟାଳୟର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବା ସହ ଛାତ୍ରୀଛାତ୍ରଙ୍କ ସହ ମଧ୍ୟାହ୍ନ ଭୋଜନ ଖାଇଥିଲେ।

## ଗ୍ରାମୀଣ ଡାକସେବକ ସଂଘର ସାଙ୍ଗଠନିକ ସମ୍ମିଳନୀ

ଭଣ୍ଡାରିପୋଖରୀ,୩।୧୦(ରାଜେନ୍ଦ୍ର ଶତପଥୀ)

ବାରିକପୁର କଲେଜରେ ଅଖିଳ ଭାରତୀୟ ଗ୍ରାମୀଣ ଡାକସେବକ ସଂଘର ଭଦ୍ରକ ଡିଭିଜନ ଶାଖା ପକ୍ଷରୁ ଦ୍ୱିବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପୋଷ୍ଟମାଷ୍ଟର ଲକ୍ଷ୍ମୀନାରାୟଣ ମିଶ୍ର ସଭାପତିତ୍ୱ କରିଥିଲେ। କେନ୍ଦ୍ରାପଡ଼ା ସର୍କଲ ସଂଘ କୋଷାଧ୍ୟକ୍ଷ ବିଜୟ ଦାସ ମୁଖ୍ୟଅତିଥି, ସାଲେପୁର ସର୍କଲର ପୂର୍ବତନ ସଂଘ ସମ୍ପାଦକ ହିମାଂଶୁ ଶେଖର ଦାସ ମୁଖ୍ୟବକ୍ତା ଓ ଭଦ୍ରକ ଡିଭିଜନ ସଂଘ ସଭାପତି କମଳାକାନ୍ତ ଜେନା ଅନ୍ୟତମ ଅତିଥି ଭାବେ ଯୋଗଦେଇ ସାଙ୍ଗଠନିକ ଆଭିମୁଖ୍ୟ ଓ ଦାବି ସମ୍ପର୍କରେ କହିଥିଲେ। ସଂଘର ଭଦ୍ରକ ଶାଖା ପୁନର୍ଗଠନ ହୋଇଛି। ଜଳମଣ୍ଡୁଆ ବିପିଏମ୍ କମଳାକାନ୍ତ ଜେନା ସଭାପତି ଭାବେ ପୁନଃ ଦାୟିତ୍ୱଗ୍ରହଣ କରିଥିଲେ। ଗୁଆମାଳ ଏବିପିଏମ୍ କୁଞ୍ଜ ବିହାରୀ ରାୟ କାର୍ଯ୍ୟକାରୀ ସଭାପତି, ବିପିଏମ୍ ଅନନ୍ତ କିଶୋର ଜେନା ଉପସଭାପତି, ବିପିଏମ୍ ହେମନ୍ତ ପାଣିଗ୍ରାହୀ, ପ୍ରଶାନ୍ତ ବସନ୍ତିଆ, ଉମାକାନ୍ତ ବେହେରା, ରଞ୍ଜନ ଦାସ, ସୁଚିସ୍ମିତା ମହାକୁଡ଼ ସମ୍ପାଦିକା, ବିପିଏମ୍ ବିଜୟ ପହି ସହସମ୍ପାଦକ ଓ କମଳାକାନ୍ତ ବାରିକ ଅଡିଟର ଭାବେ ମନୋନୀତ ହୋଇଥିଲେ।

## 'କୃତି, କୀର୍ତ୍ତି କାଳଜୟୀ ହୋଇ ରହେ'



ଡ. ନରହରି ବେହେରା ଟ୍ରଷ୍ଟର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

ଭଦ୍ରକ, ୩।୧୦ (ରବିନାରାୟଣ ଖିଲାର)

କାଳର କରାଳ ଚକ୍ରରେ ସାରସ୍ୱତ ସାଧକଙ୍କ ମରଶରୀର ବିଲୀନ ହୋଇଗଲେ ବି ତାଙ୍କର ସୃଷ୍ଟି, ରଚନା, କୃତି, କୀର୍ତ୍ତି ଓ ଯଶ କାଳଜୟୀ ହୋଇ ଅମର ରହେ। ସାରସ୍ୱତ ତପସ୍ୱୀ, ଗବେଷକ, ସାହିତ୍ୟିକ, ଆଦର୍ଶ ପ୍ରଶାସନିକ ଅଧିକାରୀ, କରୋନା ଯୋଦ୍ଧା ଡ. ନରହରି ବେହେରା ୪ ବର୍ଷ ହେଲା ଅବର୍ତ୍ତମାନ ହୋଇଥିଲେ ବି ତାଙ୍କର ସାରସ୍ୱତ ପ୍ରତିଭା, କୀର୍ତ୍ତି, ଗବେଷଣା ତଥା ରଚନା ପାଇଁ ଅମର ରହିବେ। ଭଦ୍ରକ ସହର ସାଳନ୍ଦୀ ବାଇପାସ୍‌ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସଭାଗୃହରେ ଛବିଲତା ବିଶ୍ୱାଳଙ୍କ ପ୍ରତିଷ୍ଠିତ ଡ. ନରହରି ବେହେରା ଟ୍ରଷ୍ଟର ୪ର୍ଥ ବାର୍ଷିକୋତ୍ସବରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଆୟୋଜିତ ସାରସ୍ୱତ ସମାରୋହକୁ ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ମୁଖ୍ୟଅତିଥି, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅବସରପ୍ରାପ୍ତ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଓ ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ ବରେଣ୍ୟ ଅତିଥି, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ପାଦକ ନୀହାର ରଞ୍ଜନ କର ସମ୍ପାଦକୀୟ ବକ୍ତବ୍ୟ, ସଂଯୋଜକ ପ୍ରଦୀପ କୁମାର ବେହେରା ଅତିଥି ପରିଚୟ ଦେଇଥିବା ବେଳେ ଦେବୀଦତ୍ତା ବେଦାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧକ୍ଷା ବେଦଦତ୍ତା ବେଦାନ୍ତ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। କଣ୍ଠଶିଳ୍ପୀ ଦେବେନ୍ଦ୍ର ପ୍ରସାଦ ପଣ୍ଡା ଓ ଶଶିକଳା ମିଶ୍ର ସ୍ୱାଗତ ସଙ୍ଗୀତ, କବୟିତ୍ରୀ ଜାନକୀ ପାଢ଼ୀ ସ୍ମୃତି ସଙ୍ଗୀତ ପରିବେଷଣ କରିଥିଲେ। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ଓ ମନୋରମା ରାୟ। ସଙ୍ଗଠନ ସମ୍ପାଦକ ତପନ କୁମାର ପଣ୍ଡା, ଉପସଭାପତି ବାବୁଲାଲ ଦାସ, ସରୋଜ କୁମାର ବିଶ୍ୱାଳ, ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ ପ୍ରମୁଖ ସଭା ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା

ଚାନ୍ଦବାଲି,୩।୧୦ (କିଷାନ ପାତ୍ର)

### ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ୨୦୨୪-୨୫ କାର୍ଯ୍ୟକ୍ରମ ଅବସରରେ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ଚାନ୍ଦବାଲି ବ୍ଲକର ପାଞ୍ଚପଡ଼ା ଶିବ ଦୁର୍ଗା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅକ୍ଷୟ ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଶୁଭେନ୍ଦୁ ମହାରାଜ, ମୁଖ୍ୟବକ୍ତା ଓଷ୍ଟା ଜିଲା ସଂଘର ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅନିତା ମିଶ୍ର, ନିର୍ମଳା ସାହୁ, ଜିଲା ଇକୋ କ୍ଲବର ମାଷ୍ଟର ଟ୍ରେନର ଅନୀଲ ମିଶ୍ର, ସାହିତ୍ୟିକ ପ୍ରଫୁଲ୍ଲ ଦାସ, ସମାଜସେବୀ ନୀଳମଣି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଆବିଷ୍କାର ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଶିକ୍ଷୟିତ୍ରୀ ପ୍ରମିଳା ମଲ୍ଲିକ ଅତିଥି ପରିଚୟ ଦେଇଥିବା ବେଳେ ବ୍ଲକ ବିଜ୍ଞାନ ସଂଯୋଜକ ଅମୂଲ୍ୟ କୁମାର ରାଉତ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସବ୍-ଜୁନିୟର, ଜୁନିୟର ଓ ସିନିୟର ଗ୍ରୁପ୍‌ରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନିର୍ମଳା ସାହୁ, ଶିକ୍ଷକ ନେତା ପ୍ରକାଶ ନାୟକ, ପ୍ରଧାନ ଶିକ୍ଷକ ସନାତନ ଜେନା, ସିଆର୍‌ସିସି କାମାକ୍ଷା ପ୍ରସାଦ ପାତ୍ର, ଶିକ୍ଷକ ସୁଶାନ୍ତ ମଲ୍ଲିକ, ସରୋଜ ମହଲ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



ସଭାରେ ଉପସ୍ଥିତ ଅତିଥିମାନେ।

## ଟିଲୋ ପଞ୍ଚାୟତକୁ ଅବହେଳା

ବନ୍ତ,୩।୧୦(ହରିନାରାୟଣ ମହାନ୍ତି)

### ମୌଳିକ ସମସ୍ୟା ସମାଧାନ ପାଇଁ ଦାବି ଜଣାଇଲେ ସରପଞ୍ଚ

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଟିଲୋ ପଞ୍ଚାୟତକୁ ଅବହେଳା କରାଯାଉଛି। ପଞ୍ଚାୟତର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା ଏମ୍‌ପି, ବିଧାୟକ ଏବଂ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ବ୍ଲକର ପୁରାତନ ଏବଂ ପ୍ରମୁଖ ପଞ୍ଚାୟତ ହେଉଛି ଟିଲୋ। ଏହା ସର୍ବାଧିକ ଜନବହୁଳ ପଞ୍ଚାୟତ। ଏହି ପଞ୍ଚାୟତରେ ବହୁ ମୌଳିକ ସମସ୍ୟା ଥିବାବେଳେ ତାହାର ସମାଧାନ ଏପର୍ଯ୍ୟନ୍ତ ହୋଇପାରି ନାହିଁ। ୫୩ ନଂ. ରାଜ୍ୟ ରାଜପଥର ତ୍ରିକୋଣା ଛକଠାରୁ ମାଳିସାହି ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବର୍ଷାଦିନେ ଶତାଧିକ ହେକ୍ଟର ଚାଷଜମି ଜଳମଗ୍ନ ହୋଇ କ୍ଷତିଗ୍ରସ୍ତ ହେଉଛି। ଏଥିନେଇ ବହୁବାର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ।

ଟିଲୋ ବଜାର ଅଞ୍ଚଳକୁ ଏପର୍ଯ୍ୟନ୍ତ ଆଲୋକୀକରଣ କରାଯାଇ ନାହିଁ ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମଠାରେ ପ୍ରତିବର୍ଷ ଅନ୍ତର୍ଜାତୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଏହାକୁ ସରକାରୀ ଭାବେ ମିନିଷ୍ଟାଡିୟମ ମାନ୍ୟତା ମିଳିପାରି ନାହିଁ। ଏହାକୁ କିପରି ଜିଲାର ଶ୍ରେଷ୍ଠ କ୍ରୀଡ଼ା ଅନୁଷ୍ଠାନରେ ପରିଣତ କରାଯାଇପାରିବ ସେଥିପ୍ରତି ଧ୍ୟାନ ଦେବାକୁ ସେ ଦାବି କରିଛନ୍ତି। ସେହିପରି ଟିଲୋର ବହୁ ପୁରାତନ ବଉଳସାହିସ୍ଥିତ ସିଦ୍ଧେଶ୍ୱର ମହାଦେବ ମନ୍ଦିରର ଉନ୍ନତୀକରଣ ପାଇଁ ଏପର୍ଯ୍ୟନ୍ତ କୌଣସି ଅନୁଦାନ ଯୋଗାଇ ଦିଆଯାଇ ନାହିଁ। ଏହାର ରକ୍ଷଣାବେକ୍ଷଣ ଓ ଉନ୍ନତୀକରଣ ନିମନ୍ତେ ପଦକ୍ଷେପ ନେବା, ପଞ୍ଚାୟତରେ ବହୁ ବୃଦ୍ଧାବୃଦ୍ଧ ଥିବାବେଳେ ସେମାନଙ୍କୁ ଭତ୍ତା ପ୍ରଦାନ କରିବା, ପଞ୍ଚାୟତରେ ମୋ ବ୍ୟାଙ୍କ ସେବା ଯୋଗାଇ ଦେବାକୁ ସେ ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ତିଆରି ଚାଲିଛି ମଣ୍ଡପ, ତୋରଣ

ବନ୍ତ,୩।୧୦(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ସଦର ମହକୁମାରେ ଦୁର୍ଗା ପୂଜା ଓ ଗଜଲକ୍ଷ୍ମୀ ପୂଜା ପାଇଁ କମିଟି ପକ୍ଷରୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି, ବାରୁଆଲି ସହ ମଣ୍ଡପ, ତୋରଣ କାମ ଜୋରସୋରରେ ଚାଲିଛି। ବନ୍ତ ପୁରୁଣା ବଜାରଠାରେ ସର୍ବପୁରାତନ ଶାରଦୀୟ ଦୁର୍ଗାପୂଜା ପାଇଁ କମିଟି ପକ୍ଷରୁ ପୂଜା ମଣ୍ଡପ ତିଆରି କରାଯିବା ସହ ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥରେ ସୁଦୀର୍ଘ ତୋରଣ ତିଆରି କାର୍ଯ୍ୟ ଚାଲିଛି। ସେହିପରି ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଲାଗି ଥାନା ଛକ ଓ କେନ୍ଦୁଆପଦା ଛକରେ ପୂଜା ମଣ୍ଡପ ସହ ରାସ୍ତାରେ ସୁଉଚ୍ଚ ତୋରଣ ତିଆରି କରାଯାଉଛି। ପ୍ରତିବର୍ଷ ପରି ଚଳିତବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ କମିଟି ପକ୍ଷରୁ ପ୍ରୟାସ ଜାରି ରହିଛି। ଏହି ପୂଜାରେ ଭଦ୍ରକ, କେନ୍ଦୁଝର ଓ ବାଲେଶ୍ୱର ଜିଲାର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ୭ଦିନ ଧରି ପୂଜା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ଜଣାଯାଇଛି।


ପୁରୁଣାବଜାର ଦୁର୍ଗାପୂଜା କମିଟି ପକ୍ଷରୁ ରାସ୍ତାରେ ତୋରଣ ତିଆରି ଚାଲିଛି।

## କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

ଧାମନଗର,୩।୧୦ (ସନ୍ତୋଷ କୁମାର ମହାପାତ୍ର/ ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ଥାନା ଅଧୀନ ପଧାନୀ ପଞ୍ଚାୟତ ଦଶନ୍ଧିକୁଳ ଗ୍ରାମର ଜଣେ କଲେଜ ଛାତ୍ରୀ ଗୁରୁବାର ପୂର୍ବାହ୍ନରେ ଆତ୍ମହତ୍ୟା କରିଛନ୍ତି। ମୃତା ଛାତ୍ରୀ ହେଲେ ଗ୍ରାମର ଶୁଭଲକ୍ଷ୍ମୀ ପୁହାଣ(୧୯)। ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଶୁଭଲକ୍ଷ୍ମୀ ଶୋଇଥିବା ଘରର କବାଟ ଭିତର ପଟୁ ବନ୍ଦ ଥିବାବେଳେ ରଶିରେ ଝୁଲୁଥିବା ଝରକା ବାଟେ ଦେଖିବାକୁ ପାଇଥିଲେ। କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ଧାମନଗର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁଭଲକ୍ଷ୍ମୀ ଯାଜପୁର ଜିଲାର ଏକ ସରକାରୀ କଲେଜରେ ଯୁକ୍ତ ୩ ବାଣିଜ୍ୟ ବିଭାଗର ପ୍ରଥମ ବର୍ଷ ଛାତ୍ରୀ ଥିଲେ। ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇ ନ ଥିବାବେଳେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ରିପୋର୍ଟ ଆଧାରରେ ଏକ ଅପମୃତ୍ୟୁ ମାମଲା (ନଂ.୨୭/୨୪) ରୁଜୁ କରାଯାଇଛି। ତଦନ୍ତ ପରେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହେବ ବୋଲି ଧାମନଗର ଥାନା ଏସ୍‌ଆଇ ସୁରେନ୍ଦ୍ର ରାଉତ କହିଛନ୍ତି।

# ଡିଜେମୁକ୍ତ ହେବ ଭସାଣି


ବୈଠକରେ ଶାନ୍ତି କମିଟି ଓ ପୂଜା କମିଟି କର୍ମକର୍ତ୍ତା।

ଭଦ୍ରକ,୩।୧୦(ସନାତନ ରାଉତ)

### ଦୁର୍ଗାପୂଜା ପାଇଁ ବସିଲା ଶାନ୍ତି କମିଟି ବୈଠକ

ଭଦ୍ରକ ଜିଲାରେ ଦୁର୍ଗାପୂଜା ପାଳନ ପାଇଁ ଗୁରୁବାର ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଅଧକ୍ଷତା କରିବା ସହ ଭାଇଚାରା ମଧ୍ୟରେ ପୂଜା ପର୍ବ ପାଳନ କରିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। ବୈଠକରେ ସହରର ୨୩ଟି ପୂଜା କମିଟି କର୍ମକର୍ତ୍ତା ଯୋଗଦେଇ ପୂଜା ମଣ୍ଡପ ନିକଟରେ ଅଧିକ ସଂଖ୍ୟକ ପୋଲିସ ମୁତୟନ ପାଇଁ ଦାବି କରିଥିଲେ। ଏଥିସହ ପାନୀୟ ଜଳ, ଆଲୋକୀକର, ଟ୍ରାଫିକ ବ୍ୟବସ୍ଥା, ମଣ୍ଡପ ନିକଟରେ ଖାଲଖମା ପୋତିବାକୁ ଦାବି ଜଣାଇଥିଲେ। ଡିଜେମୁକ୍ତ ଭସାଣି ପାଇଁ ଆଲୋଚନାରେ ସମସ୍ତ କମିଟି କର୍ମକର୍ତ୍ତା ସମ୍ମତି ପ୍ରଦାନ କରିଥିଲେ। ପ୍ରାଚୀନଗର ପୂଜା କମିଟିର ସରୋଜ ଲେଙ୍କା ପ୍ରାଚୀନଗର ରାସ୍ତାରେ ପାଣି ନିଷ୍କାସନ ହୋଇ ନ ପାରି ଜମି ରହୁଥିବାରୁ ପୂଜା ସମୟରେ ସମସ୍ୟା ସୃଷ୍ଟି ହେବ ବୋଲି କହିଥିଲେ। ଏହାର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ଉପଜିଲାପାଳ ମନୋଜ ପାତ୍ର, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ନୂତନ ଏସ୍‌ପି ମଡ଼କର୍ ସନ୍ଦୀପ ସମ୍ପଦ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ ବୈଠକରେ ଯୋଗ ଦେଇଥିଲେ। ଶାନ୍ତି କମିଟିର ସଦସ୍ୟ ବିଦ୍ୟାଧର ସାହୁ, ଏସ୍.ଏମ୍. ଫାରୁକ୍, ଅତିଶ ବେହେରା, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଆଇନଜୀବୀ ରାଧା ଦାସ, ସୁଧାକର ରାଉତ, ବାଇଧର ସାହୁ, ଟାଉନ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗୁହାଳରୁ ୧୩ ଛେଳି ନେଇଗଲେ

ପାଟଣା,(ବୀରକିଶୋର ଦାଶ):କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଅଞ୍ଚଳର ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ୧୩ ଛେଳି ଗୁହାଳରୁ ଚୋରି କରିନେଇଯାଇଛନ୍ତି। ଏ ନେଇ ମାଳିକ ସାହାରପଡ଼ା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପଇତାମଜା ଗ୍ରାମରୁ ବିପିନ ମହାନ୍ତଙ୍କ ଗୁହାଳରୁ ୧୨ ଛେଳି, ଦୁବେଇ ପେଣ୍ଠ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଗୁହାଳରୁ ଗୋଟେ ଛେଳିକୁ ଦୁର୍ବୃତ୍ତ ନେଇଯାଇଥିବା ନେଇ ସାହାରପଡ଼ା ଫାଣ୍ଡିରେ ଅଭିଯୋଗ ହୋଇଛି। ଫାଣ୍ଡି ଅଧିକାରୀ ଭବାନୀ ଶଙ୍କର ବାଦୀ ପୃଥକ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି।

**କେନ୍ଦୁଝର**

# ମାଣ୍ଡିଆ ଚାଷ ପ୍ରତି ଆଗ୍ରହ ବଢୁଛି

ଛେନାପଦି,୩।୧୦(ନିରାକାର ପରିଡ଼ା)

ରାଜ୍ୟ ସରକାରଙ୍କ ପକ୍ଷରୁ ମାଣ୍ଡିଆ ଚାଷର ଅଗ୍ରଗତି ନେଇ ପ୍ରୟାସ କରାଯାଉଛି। ମିଲେଟ୍ ମିଶନ ଜରିଆରେ ମାଣ୍ଡିଆ ଜାତୀୟ ଖାଦ୍ୟ ବିକ୍ରି ପାଇଁ ଅନେକ ଷ୍ଟୋର ଖୋଲାଯାଉଥିବା ବେଳେ ପ୍ରଚାର ପ୍ରସାର ପାଇଁ ଅର୍ଥ ବରାଦ ହେଉଛି। ଚାଷୀଙ୍କୁ ଆର୍ଥିକ ସହାୟତା ସହ ବିହନ, ଚାଷ ଉପକରଣ ଯୋଗାଇ ଦିଆଯାଉଛି। ଫଳରେ ଲୋକେ ଧାନ ଓ ଅନ୍ୟାନ୍ୟ ଫସଲ ପରି ଏବେ ମାଣ୍ଡିଆ ଚାଷ କରୁଛନ୍ତି। ବିଶେଷ କରି କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅଞ୍ଚଳରେ ଏବେ ମାଣ୍ଡିଆ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବଢ଼ିଥିବା ଦେଖାଯାଇଛି। ମାଣ୍ଡିଆ ଚାଷ କ୍ଷୁଦ୍ର ପୁଷ୍ଟିଯୁକ୍ତ ଏବଂ ଲାଭକାରୀ ଫସଲ ଭାବେ ଧୀରେ ଧୀରେ ଚାଷୀଙ୍କ ମଧ୍ୟରେ ଆଦୃତ ହେବାରେ ଲାଗିଛି।

ସୂଚନା ଅନୁଯାୟୀ, ଗତ ୨ବର୍ଷ ଅପେକ୍ଷା ଚଳିତବର୍ଷ ବ୍ଲକ୍‌ରେ ଚାଷ ବୃଦ୍ଧି ପାଇଛି। ଚଳିତ ବର୍ଷ ୧୮ ପଞ୍ଚାୟତ ପାଇଁ ୧୧ଶହ ୧୦ହେକ୍ଟର ଜମିରେ ମାଣ୍ଡିଆ ଚାଷ ପାଇଁ ନିର୍ଦ୍ଦେଶ ବୋର୍ଡରୁ ପ୍ରସ୍ତାବ ଆସିଥିଲା। ଏବେ ସୁଦ୍ଧା ପାଖାପାଖି ୧୪୦୦ରୁ ଊର୍ଦ୍ଧ୍ୱ ଚାଷୀ ପାଖାପାଖି ୬୬୮ହେକ୍ଟର ଜମିରେ ମାଣ୍ଡିଆ ଚାଷ କରିଥିବା ଶ୍ରୀଅନ୍ନ ଯୋଜନା(ମିଲେଟ ମିଶନ)ବିଭାଗ ପକ୍ଷରୁ ସୂଚନା ମିଳିଛି। ବିଭାଗ ପକ୍ଷରୁ ଠିକ୍ ସମୟରେ ଚାଷୀଙ୍କୁ ବିଭିନ୍ନ ପ୍ରୋତ୍ସାହନ ମାଧ୍ୟମରେ ମଞ୍ଜି, ଘାସବାଛିବା ପାଇଁ ଯନ୍ତ୍ର, ଅମଳ ପାଇଁ ପାଲ, ଶୁଖାଇବା ପାଇଁ ସ୍ପ୍ରେ–ମେଶିନ ଆଦି ଯୋଗାଇ ଦିଆଯାଉଛି। ଫଳରେ ଚାଷୀ ମାଣ୍ଡିଆ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ମାଣ୍ଡିଆ ଚାଷରୁ ମଧ୍ୟ ବେଶ୍ ଦି'ପଇସା ମୁନଫା କରୁଥିବା ପ୍ରୋଜେକ୍ଟ କୋଅର୍ଡିନେଟର ପଙ୍କଜ ସାହୁ କହିଛନ୍ତି। ହାଟଡ଼ିହୀ ଅଞ୍ଚଳରେ ମାଣ୍ଡିଆ ଚାଷ ୨ପ୍ରକାର ପ୍ରଣାଳୀରେ ହୋଇଥାଏ। ଏସ୍ଏମ୍ଆଇ (ସାଧାରଣ ରୁଆ)ପ୍ରଣାଳୀର ଚାଷୀଙ୍କୁ ଏକର ପ୍ରତି ୬ କୁଇଣ୍ଟାଲ ବିହନ ଯୋଗାଇ ଦିଆଯାଉଛି। ଏଲଟି(ଧାଡ଼ି ରୁଆ) ପ୍ରଣାଳୀରେ ଚାଷ କରୁଥିବା ଚାଷୀଙ୍କୁ ଏକର ପ୍ରତି ୪ କୁଇଣ୍ଟାଲ ବିହନ ଯୋଗାଇ ଦିଆଯାଇଥାଏ। ଠିକ ପ୍ରଣାଳୀରେ ମାଣ୍ଡିଆ ଚାଷ କଲେ ପ୍ରତି ହେକ୍ଟର ପିଛା ଚାଷୀ ୭ ରୁ ୮ କୁଇଣ୍ଟାଲ ମାଣ୍ଡିଆ ଅମଳ କରିପାରିବେ। ୨୦୨୩–୨୪ରେ କୁଇଣ୍ଟାଲ ପ୍ରତି ବିକ୍ରୟ ମୂଲ୍ୟ ୩ ହଜାର ୮ଶହ ୪୬ ଟଙ୍କା ରହିଥିଲା। ଚଳିତବର୍ଷ ତଥା ୨୦୨୪–୨୫ବର୍ଷର ଦରଦାମ ଅନୁସାରେ କୁଇଣ୍ଟାଲ ପ୍ରତି ୪୨୯୦ଟଙ୍କା ଧାର୍ଯ୍ୟ କରାଯାଇଛି। ଚାଷୀ ସୁନାରାମ ମୁର୍ମୁ, ଘାସିରାମ ଟୁଡୁ, ହୃଷିକେଶ ପଡୁରିଆ, ଅବନ୍ତୀ ନାୟିକ, ବେଶରା ତନ୍ତୀ ପ୍ରମୁଖ କହିଛନ୍ତି, ମାଣ୍ଡିଆ ଚାଷରେ ବହୁତ ଉପକୃତ ହୋଇପାରିଛନ୍ତି। ମାଣ୍ଡିଆ ଅମଳ ପରେ ବିକ୍ରିର ଅସୁବିଧା ହେଉନାହିଁ। କୃଷି ବିଭାଗ ସିଧାସଳଖ ଭାବେ ଚାଷୀଙ୍କ ନିକଟରୁ କ୍ରୟ କରୁଛି।



# ବିଦ୍ୟୁତ୍ ଖୁଣ୍ଟକୁ ନଡ଼ିଆ ଗଛ ଭରସା

ରାମଚନ୍ଦ୍ରପୁର,୩।୧୦(ଗଣେଶ୍ୱର ସା)

- ବିପଦପୂର୍ଣ୍ଣଭାବେ ବିଦ୍ୟୁତ୍ ଯୋଗାଣ ହେଉଛି
- ଅଭିଯୋଗ ପରେ ବି ଖୁଣ୍ଟ ବଦଳାଯାଉନି

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ବେଲବାହାଳି ବରମୂଳ ସାହିରେ ବିପଦପୂର୍ଣ୍ଣଭାବେ ବିଦ୍ୟୁତ୍ ଯୋଗାଣ ହେଉଛି। ସାହିରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଥିବା ବେଳେ ତାହା ବଦଳା ଯାଉନାହିଁ। ଏକ ନଡ଼ିଆ ଗଛରେ ଖୁଣ୍ଟକୁ ବାନ୍ଧି ରଖାଯାଇଛି। ବାରମ୍ବାର ଟାଟା ପାୱାର କର୍ମଚାରୀଙ୍କୁ ଗ୍ରାମବାସୀ ଜଣାଇଥିଲେ ମଧ୍ୟ ଏଥିପ୍ରତି କୌଣସି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ୩ ମାସ ପୂର୍ବରୁ ହୋଇଥିବା କାଳବୈଶାଖୀରେ ବିଦ୍ୟୁତ୍ ଖୁଣ୍ଟଟି ସମ୍ପୂର୍ଣ୍ଣ ଭାବରେ ନଇଁ ପଡ଼ିଥିଲା। ଟାଟା କର୍ମଚାରୀ ବିଦ୍ୟୁତ୍ ଖୁଣ୍ଟଟିକୁ ନ ବଦଳାଇ ପାଖରେ ଥିବା ଏକ ନଡ଼ିଆ ଗଛରେ ବାନ୍ଧି ରଖିଛନ୍ତି। ଟିକେ ପବନ ହେଲେ ନଡ଼ିଆ ଗଛ ହଲିବା ସହିତ ବିଦ୍ୟୁତ୍ ଖୁଣ୍ଟଟି ମଧ୍ୟ ହଲୁଛି। ଅନ୍ୟପଟେ ଉକ୍ତ ସାହିରେ ଥିବା ଅନ୍ୟ ଏକ ବିଦ୍ୟୁତ୍ ଖୁଣ୍ଟ ବର୍ଷା ହେଲେ ସମ୍ପୂର୍ଣ୍ଣ ଚାର୍ଜ ହୋଇ କରେଣ୍ଟ ମାରୁଛି। ଏ ନେଇ ସ୍ଥାନୀୟ ଲୋକମାନେ ଭୟଭୀତ ହୋଇପଡ଼ିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆନନ୍ଦପୁର ବିଦ୍ୟୁତ ବିଭାଗର ଏସ୍‌ଡିଓ ପ୍ରତାପ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ଫଳ ମିଳିଲାନାହିଁ। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବା ପାଇଁ ରାଧାରାଣୀ ସାହୁ, ନିରାକାର ସାହୁ, ଅରୁଣ କୁମାର ସାହୁ, ସାରଙ୍ଗଧର ସାହୁ, ବାଞ୍ଛାନିଧି ସାହୁ, ଶତ୍ରୁଘ୍ନ ସାହୁ, ସୁଦାମ ଚରଣ ସାହୁ, ଅରୁବୁନ୍ଧ ସାହୁ, ପ୍ରଫୁଲ୍ଲ ସାହୁ ଦାବି କରିଛନ୍ତି। ଘସିପୁରା ବିଦ୍ୟୁତ୍ ଡିଭିଜନ ମେଣ୍ଟେନାସ ଦାୟିତ୍ୱରେ ଥିବା କ୍ରୀଷ୍ଣା ବେହେରା କହିଛନ୍ତି, ଏହାକୁ ଦୃଷ୍ଟି ଦେଇ ତୁରନ୍ତ ସମାଧାନ କରାଯିବ।



# ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟ

ଯୋଡ଼ା,୩।୧୦(ମାନସ ମହାନ୍ତି)

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ସଂସ୍ଥା, ଜିନ୍ଦଲ ଫାଉଣ୍ଡେଶନ ଦ୍ୱାରା ଏକ ସପ୍ତାହ ବ୍ୟାପି ସ୍ୱଚ୍ଛତା କାର୍ଯ୍ୟକ୍ରମ ବଡ଼ବିଲ ପେଲେଟ ପ୍ଲାଣ୍ଟ, ଟେନ୍‌ସା ଏବଂ କାସିଆ ଆଇରନ ମାଇନ୍ସ ଅଞ୍ଚଳରେ ପାଳିତ ହୋଇଯାଇଛି। ଗ୍ରାମଗୁଡ଼ିକର ଶତାଧିକ ମହିଳା, ପୁରୁଷ, ଯୁବତୀ, ଯୁବକଙ୍କ ମିଳିତ ଉଦ୍ୟମରେ ସ୍ୱଚ୍ଛତା ଅଭିଯାନ ମାଧ୍ୟମରେ ମୁଖ୍ୟ ରାସ୍ତା, ବିଦ୍ୟାଳୟ, ମନ୍ଦିର ଆଦି ସ୍ଥାନରେ ସଫେଇ କରାଯାଇଥିଲା। ଗାନ୍ଧୀଙ୍କ ଜନ୍ମ ତିଥି ଅବସରରେ ଜିନ୍ଦଲ ଫାଉଣ୍ଡେଶନ ବଡ଼ବିଲ ବିଲେଇପଦା ଛକରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥିଭାବେ କମ୍ପାନୀର ମାନବ ସମ୍ବଳ ବିଭାଗ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ। ଜିନ୍ଦଲ ଫାଉଣ୍ଡେଶନର ଡେପୁଟି ମ୍ୟାନେଜର ଯଦୁମଣୀ ମହାନ୍ତଙ୍କ ତତ୍ତ୍ୱାବଧାନରେ ସମସ୍ତ ସିଏସ୍‌ଆର ସଦସ୍ୟ, ମାନବ ସମ୍ବଳ ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାଶିଆ ଆଇରନ ଏବଂ ଡୋଲମାଇଟ ଖଣି ପକ୍ଷରୁ ମଧ୍ୟ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୟୁନିଟ ମୁଖ୍ୟ ପ୍ରମୋଦ ପାତ୍ର, ପରିବେଶ ଏବଂ ସର୍ଭେ ମୁଖ୍ୟ ରଜନିଶ ଚତୁର୍ବେଦୀ, ଖଣି ପରିଚାଳକ ରଣଜିତ ଚୌଧୁରୀ, କାଶିଆ କଲୋନୀ ବାସିନ୍ଦା, ଶିଶୁ, କର୍ମଚାରୀ ଏବଂ ସ୍ୱାସ୍ଥ୍ୟ ସଙ୍ଗିନୀ ପ୍ରମୁଖ ଯୋଗଦେଇଥିଲେ। ଡେଙ୍ଗୁଲା ସରକାରୀ ହାଇସ୍କୁଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଜିନ୍ଦଲ ଟେନ୍ସା ଲୌହ ଖଣିର ମୁଖ୍ୟ ରଘୁରାଜ ରଘୁବଂଶୀ, ସଞ୍ଜୟ କୁମାର, ପଦ୍ମଲୋଚନ ପ୍ରଧାନ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପରିସରରେ 'ମା ପାଇଁ ଗଛଟିଏ' ଧାରାରେ ଚାରାରୋପଣ କରାଯାଇଥିଲା।



ଜିନ୍ଦଲ ଫାଉଣ୍ଡେଶନ କର୍ମକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀ।

# ସରକାରୀ ମାନ୍ୟତା, ମାସିକ ୧୮ ହଜାର ଦାବି



ଆଶାକର୍ମୀ ସଂଘର ସଦସ୍ୟାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

କେନ୍ଦୁଝର,୩।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

**ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଶାକର୍ମୀଙ୍କ ଦାବିପତ୍ର**

ଭାରତୀୟ ମଜଦୁର ସଂଘ ସହବନ୍ଧିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ତରଫରୁ କର୍ମଚାରୀଙ୍କ ସମସ୍ୟାକୁ ନେଇ ଏକ ଦାବିପତ୍ର ଜିଲା ପ୍ରଶାସନ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ପୂର୍ବରୁ ବହୁବାର ଦାବିପତ୍ର ଦିଆଯାଇଥିଲେ ହେଁ କେବଳ ପ୍ରତିଶ୍ରୁତି ମିଳିଛି। କିନ୍ତୁ ଆଜି ପର୍ଯ୍ୟନ୍ତ ଦାବି ପୂରଣ ଦିଗରେ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ବୋଲି ଆନ୍ଦୋଳନକାରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଓଡ଼ିଶା ଆଶାକର୍ମୀ ସଂଘ କେନ୍ଦୁଝର ଜିଲା ଶାଖା ପକ୍ଷରୁ ଉକ୍ତ ଦାବିଗୁଡ଼ିକ ପୂରଣ କରିବାକୁ ନିବେଦନ କରିଛନ୍ତି। ବିଭିନ୍ନ ଦାବି ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରିବା, ଆଶାକର୍ମୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ଯେ ପର୍ଯ୍ୟନ୍ତ ସରକାର ମାନ୍ୟତା ଦିଆଯାଇ ନାହିଁ ମାସିକ ୧୮,୦୦୦ ଟଙ୍କା ଭତ୍ତା ପ୍ରଦାନ, ଯୋଗ୍ୟତା ଭିତ୍ତିକ ଆଶାକର୍ମୀଙ୍କୁ ପଦୋନ୍ନତି, ଆଶାକର୍ମୀଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା, ଅବସର ନେଉଥିବା କର୍ମୀଙ୍କୁ ଏକ କାଳୀନ ୫ ଲକ୍ଷ ଟଙ୍କା ପ୍ରଦାନ ସହ ମାସିକ ୫ ହଜାର ପେନସନ ବ୍ୟବସ୍ଥା ଦାବି କରିଛନ୍ତି। ସେହିପରି କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁବରଣ କଲେ ଆଶାକର୍ମୀଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କା ସହ ପରିବାରରେ ଜଣକୁ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ସଂଘର ଜିଲା ସଭାପତି ପ୍ରମିଳା ମହାନ୍ତ, ସମ୍ପାଦିକା ମିନା ମହାନ୍ତଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ ଅଫିସ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରି ଦାବିପତ୍ର ପ୍ରଦାନ କରିଥିଲେ।

# ଆବର୍ଜନାରେ ଭର୍ତ୍ତି ଢେଙ୍କିକୋଟ ବଜାର

## ସ୍ୱଚ୍ଛତା ଦିବସରେ ବି ସଫା କଲେନି

ଢେଙ୍କିକୋଟ,୩।୧୦(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ବଜାର ଆବର୍ଜନାରେ ଭର୍ତ୍ତି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନଠାରୁ ଗାନ୍ଧୀ ଜୟନ୍ତୀ ପକ୍ଷରୁ ସ୍ୱଚ୍ଛତା ଦିବସ ପାଳନ କରାଯାଉଥିଲା। ମାତ୍ର ବାଜରରେ କୁଢ଼ କୁଢ଼ ହୋଇ ଆବର୍ଜନା ପଡ଼ିଥିଲେ ହେଁ କୌଣସି ସଂଗଠନ, ଅନୁଷ୍ଠାନର ଏଥିପ୍ରତି ନଜର ପଡ଼ିଲାନାହିଁ। ଆବର୍ଜନା ପଚି ସେଥିରୁ ପୂତି ଗନ୍ଧ ହେଉଥିବାରୁ ସାଧାରଣରେ ଜନ ଅସନ୍ତୋଷ ପ୍ରକାଶ ପାଉଛି।

ପ୍ରକାଶ ଯେ, ଉକ୍ତ ବଜାର ଉପରେ ଘଟଗାଁ ବ୍ଲକ୍‌ର ୨୭ ପଞ୍ଚାୟତ ମଧ୍ୟରୁ ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ଏଥିସହ ଢେଙ୍କିକୋଟ ଦେଇ ୨୦ ନଂ. ଜାତୀୟ ରାଜପଥ ଯାଇଥିବା ବେଳେ ଏଠାକୁ ଜାତୀୟ ରାଜପଥ ୨୨୦ ନଂ. ରାଞ୍ଚି–ବିଜୟୱାଡା କରିଡର ସଂଯୋଗ କରିଛି। ଫଳରେ ରାଜ୍ୟ ତଥା ରାଜ୍ୟ ବାହାରର ବ୍ୟବସାୟୀ ଦୈନିକ ଏଠାକୁ ଆସିଥାନ୍ତି। ଏଠାରେ ଶନିବାର ଦିନ ସାପ୍ତାହିକ ହାଟ ବସିଥାଏ। ହାଟକୁ ଜିଲା, ରାଜ୍ୟ ବାହାରୁ ବ୍ୟବସାୟୀ ଆସିଥାନ୍ତି। କେନ୍ଦୁଝର ଜିଲା ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳିତ ହେଉଥିବା ବେଳେ ହାଟରୁ ବ୍ୟବସାୟୀ, ଚାଷୀଙ୍କଠାରୁ ମହାସୁଲ ଆଦାୟ କରାଯାଏ। ମାତ୍ର ବଜାରରେ କୁଢ଼ କୁଢ଼ ଆବର୍ଜନା ପଡୁଥିଲେ ହେଁ ସଫା କରାଯାଉନାହିଁ। ବର୍ଷାଦିନେ ଆବର୍ଜନାରୁ ପଚା ଦୁର୍ଗନ୍ଧ ବାହାରୁଥିବାରୁ ସାଧାରଣ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଆବର୍ଜନା ସଫା କରିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ କରାଗଲେ ନିୟନ୍ତ୍ରିତ ବଜାର କମିଟି ହାଟ ମହାସୁଲ ଆଦାୟ କରୁଛି, ତେଣୁ ସେମାନେ ସଫା କରିବେ ବୋଲି ପଞ୍ଚାୟତ ପକ୍ଷରୁ କହାଯାଉଛି। ଏଥିପ୍ରତି କେନ୍ଦୁଝର ବଜାର ନିୟନ୍ତ୍ରିତ କମିଟିର ଅଧ୍ୟକ୍ଷ ଭାବେ ଥିବା ଉପ ଜିଲାପାଳ ଦୃଷ୍ଟିଦେବା ପାଇଁ ଢେଙ୍କିକୋଟ ବଣିକ ସଂଘ ସଭାପତି ରାଜକିଶୋର ସାହୁ ଦାବି କରିଛନ୍ତି। ଏଥିସହ ସାପ୍ତାହିକ ହାଟକୁ ଢେଙ୍କିକୋଟ ପଞ୍ଚାୟତକୁ ହସ୍ତାନ୍ତର କରିବା ପାଇଁ ଢେଙ୍କିକୋଟ ବିକାଶମଞ୍ଚ ଦାବି କରିଛି।



# ସରପଞ୍ଚଙ୍କ ଦିଅରଙ୍କୁ ମରଣାନ୍ତକ ଆକ୍ରମଣ

## ଘସିପୁରାରେ ରାଜନୈତିକ ହିଂସା

ରାମଚନ୍ଦ୍ରପୁର,୩।୧୦(ଗଣେଶର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ପୁରୁଣାବାନ୍ଧଗୋଡ଼ା ପଞ୍ଚାୟତ ପୁରୁଣାବାନ୍ଧଗୋଡ଼ା ଗ୍ରାମରେ ରାଜନୈତିକ ହିଂସା ଦେଖାଯାଇଛି। ପୁରୁଣାବାନ୍ଧଗୋଡ଼ା ସରପଞ୍ଚ ସୁଧାରାଣୀ ଧିରଙ୍କ ଦିଅର ସୁଜିତ୍ କୁମାର ଧିରଙ୍କୁ ଏକ ଗୋଷ୍ଠୀ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣରେ ସେ ଗୁରୁତର ହୋଇଥିବା ବେଳେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବୁଧବାର ପଞ୍ଚାୟତ ସଭାଗୃହରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ସଭାକୁ ପୁରୁଣାବାନ୍ଧଗୋଡ଼ା ଗ୍ରାମର ଏକ ଗୋଷ୍ଠୀ ବିରୋଧ କରିଥିଲେ। ସେହି କାରଣରୁ ଗ୍ରାମରେ ଅଶାନ୍ତ ଲାଗି ରହିଥିଲା। ଘଟଣାକୁ ନେଇ ଗୁରୁବାର ସରପଞ୍ଚଙ୍କ ଦିଅର ଓ ଉକ୍ତ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ପରେ ଘଟଣା ତୀବ୍ରରୂପ ନେଇ ପରସ୍ପର ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଗ୍ରାମବାସୀଙ୍କ ଆକ୍ରମଣରେ ସୁଜିତ୍‌ଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ବୁଧବାର ଗ୍ରାମସଭା ଚାଲିଥିବା ସମୟରେ କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ ଅନୁପସ୍ଥିତ ଥିଲେ। ସେଥିପାଇଁ ପ୍ରତିପକ୍ଷ ଗୋଷ୍ଠୀର କିଛିଲୋକେ ଗ୍ରାମସଭାକୁ ବିରୋଧ କରି ଫାଇଲପତ୍ର ଫିଙ୍ଗା ଫୋପଡ଼ା କରିଥିଲେ। ଏହି ସମୟରେ ସୁଜିତଙ୍କ ସହ ତାଙ୍କର ବଚସା ହୋଇଥିଲା। ଉକ୍ତ ଘଟଣାକୁ କେନ୍ଦ୍ରକରି ତୁମୁଳକାଣ୍ଡ ଘଟିଥିବା ଜଣାପଡ଼ିଛି। ସୁଜିତଙ୍କ ସ୍ତ୍ରୀ ରଶ୍ମିତାରାଣୀ ଧୀରଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୩୩୮/୨୪) ରୁଜୁ ହୋଇଛି। ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ବିଜୟ କୁମାର ସିଂ କହିଛନ୍ତି।

# ବଜାର ସଫାକଲେ ଏନ୍‌ସିସି କ୍ୟାଡେଟ୍

କେନ୍ଦୁଝର,୩।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଏନ୍‌ସିସି ଡାଇରେକ୍ଟୋରେଟ ଓଡ଼ିଶା ତରଫରୁ ନିର୍ଦ୍ଦେଶିତ ଚିଠି ଅନୁସାରେ ପବିତ୍ର ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ୧୪ ଓଡ଼ିଶା ଏନସିସି ବାଟାଲିୟନର ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର କ୍ୟାଡେଟ୍ ଭାଗ ନେଇଥିଲେ। ଏହି କ୍ରମରେ ଏନ୍‌ଏସ ପୋଲିସ ହାଇସ୍କୁଲର ଏନସିସି ଶିକ୍ଷକ ବିଜୟ ବେହେରାଙ୍କ ତତ୍ତ୍ୱାବଧାନରେ ୨୦ ଜଣ ଏନସିସି କ୍ୟାଡେଟ୍ସ ଡେଲି ମାର୍କେଟ ପରିସରରେ ପଡ଼ି ରହିଥିବା ଅଳିଆ ଆବର୍ଜନା ଗୁଡ଼ିକୁ ସଫା କରିବା ସହିତ ବିଭିନ୍ନ ଦୋକାନରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ନିବେଦନ କରିଥିଲେ। ଉପସ୍ଥିତ ଜନସାଧାରଣ ତଥା ବ୍ୟବସାୟୀ ଏନସିସି କ୍ୟାଡେଟଙ୍କ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟ ଉଦ୍‌ଯାପିତ

ଚମ୍ପୁଆ,୩।୧୦(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୧୭ ସେପ୍ଟେମ୍ବର ଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ୱଛତା ହିଁ ସେବା–୨୦୨୪ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ସ୍ୱଭାବ ସ୍ୱଛତା, ସଂସ୍କାର ସ୍ୱଛତା ଲକ୍ଷ୍ୟନେଇ ଅନୁଷ୍ଠିତ କାର୍ଯ୍ୟକ୍ରମ ଅବସରରେ ଏନ୍‌ଏସି ସିଏମ୍‌ଏମ୍ ଅନନ୍ତ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବର୍ଗଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ବିଭିନ୍ନ ସ୍ଥାନରେ ସ୍ୱଛ ଭାରତ ଅଭିଯାନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବରେ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ସମ୍ମାନିତ ଅତିଥିଭାବରେ ଏନ୍‌ଏସି ଅଧ୍ୟକ୍ଷ ଗିରିଜାଶଙ୍କର ସାହୁ, ବ୍ଲକ୍ ଶିକ୍ଷାଧିକାରୀ ପ୍ରକାଶ ସାହୁ, ଏନ୍‌ଏସି ନିର୍ବାହୀ ଅଧିକାରୀ ସୁଜିତ୍ ସ୍ୱାଇଁ, ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରାଯାଇଥିଲା। ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର




ଚମ୍ପୁଆ, ୩।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ୍‌ସ୍ତରୀୟ ଶିଶୁମୋହତ୍ସବ ସୁରଭି–୨୦୨୪ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବରେ ଚମ୍ପୁଆ ବିଡିଓ ରାଜା ରଞ୍ଜିତପ୍ରତାପ ବଳ, ସମ୍ମାନିତ ଅତିଥିଭାବରେ ବ୍ଲକ୍ ଶିକ୍ଷାଧିକାରୀ ପ୍ରକାଶ ସାହୁ, ଡେପୁଟି କଲେକ୍ଟର ସଜତ ମାର୍କେ, ଏବିଓ ପୂର୍ଣ୍ଣଚନ୍ଦ୍ର ନାଏକ, ପ୍ରଧାପକ ଗିରିଜା ଶଙ୍କର କର, ଏବିଓ ସୁମିତା ତ୍ରିପାଠୀ, ଏଡିଡବ୍ଲ୍ୟୁଓ ସୁଚେତା ମିଶ୍ର, ପ୍ରଧାନଶିକ୍ଷକ ଲୋକନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପୂର୍ବରୁ କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତାରେ ସଫଳ ଛାତ୍ରୀଛାତ୍ର ସଙ୍ଗିତ, ନୃତ୍ୟ, ତର୍କ, ଚିତ୍ରାଙ୍କନ, ସୃଜନଶିଳ ଲେଖା, ମଧାହ୍ନ ଭୋଜନ ଉପରେ ଆର୍ଟ ଆଣ୍ଡ କ୍ରାପଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ରଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନୁସାରେ ଗଣିତ, ବିଜ୍ଞାନ, କରେଣ୍ଟ ଆଫେୟାର୍ସ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ୍‌ସ୍ତରର ସଫଳ ପ୍ରତିଯୋଗୀ ଜିଲାସ୍ତରରେ ପ୍ରତିଭା ପ୍ରଦର୍ଶନ କରିବେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ନୂତନ କର୍ମକର୍ତ୍ତାଙ୍କୁ ନେଇ ଟ୍ରକ୍ ମାଲିକ ଆଶ୍ୱସ୍ତ

କେନ୍ଦୁଝର,୩।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଜିଲା ଟ୍ରକ୍ ମାଲିକ ସଂଘ**
**ସ୍ୱତନ୍ତ୍ର ପାର୍କିଂ, ଟୋକନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାକୁ ଦାବି**

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ପରେ ଟ୍ରକ ମାଲିକମାନେ ସୁରୁଖୁରୁରେ ଟ୍ରକ୍‌ରେ ଲୁହାପଥର ପରିବହନ, ଠିକ୍ ଭାବରେ ଟୋକନ ଓ ସମୟରେ ପରିବହନ ଭଡ଼ା ମିଳିବା ଆଦି ନେଇ ଆଶାବାଦୀ ହୋଇପଡ଼ିଛନ୍ତି। ଦୀର୍ଘ ବର୍ଷ ଧରି ଟ୍ରକ୍ ପରିବହନକୁ ନେଇ ହନ୍ତସନ୍ତ ହେଉଥିବା ଟ୍ରକ ମାଲିକମାନେ ଏବେ ନ୍ୟାୟ ପାଇବା ଆଶାରେ ଆଶ୍ୱସ୍ତ ହୋଇଛନ୍ତି। ରାସ୍ତାକଡ଼ରେ ଦେଖାଯାଉଥିବା ଟ୍ରାଫିକ ବ୍ୟବସ୍ଥାର ସୁଧାର ଆଣିବାକୁ ସ୍ୱତନ୍ତ୍ର ପାର୍କିଂ ଏବଂ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଥିବା ଟୋକନ ବ୍ୟବସ୍ଥାରେ ସୁଧାର ଆଣିବାକୁ ଟ୍ରକ ମାଲିକମାନେ ଦାବି କରିଛନ୍ତି।

ପ୍ରକାଶ ଯେ, ପୂର୍ବରୁ ବ୍ୟାପକ ଟୋକନ କଳାବଜାରୀ ଚାଲିଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଗୋଟିଏ ଟୋକନକୁ ୧୫ ହଜାର ଟଙ୍କାରେ ମଧ୍ୟ ଦଲାଲମାନେ ବିକ୍ରି କରି ଲାଭବାନ ହେଉଥିଲେ। କେତେଜଣ ପ୍ରଭାବଶାଳୀ ଟ୍ରକ୍‌ମାଲିକ ଏହି ବ୍ୟବସାୟରୁ ଲାଭବାନ ହୋଇଥିଲେ। ଏଭଳି କ୍ଷେତ୍ରରେ ସାଧାରଣ ମାଲିକ କ୍ଷତିଗ୍ରସ୍ତ ହୋଇ ଋଣ ପରିଶୋଧ କରି ନ ପାରି ଗାଡି ବିକ୍ରି କରିଦେଇଛନ୍ତି। ଏପରିକି ଦୀର୍ଘ ବର୍ଷ ହେଲା ଟୋକନ ବାବଦକୁ ଆଦାୟ କରାଯାଉଥିବା ଅର୍ଥ ସଂଘରେ ଜମା ନ କରି ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏଣୁ ଏହାର ତଦନ୍ତ କରିବାକୁ ମଧ୍ୟ ଦାବି ଜୋର ଧରୁଛି। ସଂଘର କୋହଳ ମନଭାବ ଯୋଗୁ କେତେକ ପରିବହନ ସଂସ୍ଥା ମାଲିକଙ୍କ ଚାଲାଣ ପଇସାକୁ ଠିକ୍ ସମୟରେ ପୈଠ କରି ନ ଥିବା, ହାତରେ ପଇସା ନ ଦେଇ ନିଜର ବା ସମ୍ପର୍କୀୟ ପମ୍ପରୁ ତେଲ ନେବାକୁ ବାଧ୍ୟ କରାଯାଉଥିବା ଆଦି ଅଭିଯୋଗ ହେଉଛି। ଏପରିକି ସୁବିଧା ପାଇ ଆସୁଥିବା କେତେଜଣ କର୍ମକର୍ତ୍ତା ଏବଂ ମାଲିକ ନିର୍ବାଚନ କରାଇ ନ ଦେବାକୁ ବିଭିନ୍ନ ପ୍ରକାର ଚେଷ୍ଟା କରିଆସୁଥିଲେ। ତେବେ ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ଜିଲା ପ୍ରଶାସନ ନିର୍ବାଚନକୁ କରିଥିଲା। ନିର୍ବାଚନ ସୁରୁଖୁରୁରେ ସରିଥିବା ବେଳେ ଟ୍ରକ୍ ମାଲିକଙ୍କ ବିଭିନ୍ନ ସମସ୍ୟା ଯଥା, ପରେ ଟ୍ରକ୍‌ଗୁଡିକ ରାସ୍ତାକଡ଼ରେ ଛିଡ଼ା ହେବା ଦ୍ୱାରା ଟ୍ରାଫିକ ସମସ୍ୟା ସହିତ ଦୁର୍ଘଟଣା ଘଟୁଛି। ତେଣୁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରିବା, ଟୋକନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ଅନ୍‌ଲାଇନ ବିତରଣ ବ୍ୟବସ୍ଥା, ୩ ରୁ ୭ଦିନ ମଧ୍ୟରେ ଚାଲାଣ ପେମେଣ୍ଟ ବ୍ୟବସ୍ଥା, ଟ୍ରକ୍ ମାଲିକ, ଟ୍ରକ୍ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ସେବା, ବ୍ରେକ୍ ଡାଉନ ବେଳେ ସହାୟତା, ଦୁର୍ଘଟଣା ଘଟିଲେ ଗାଡ଼ି ଚାଳକ, କର୍ମଚାରୀ ସମେତ ଦୁର୍ଘଟଣାରେ ଶିକାର ଲୋକଙ୍କୁ ଚିକିତ୍ସା ଓ ଅନୁକମ୍ପାମୂଳକ ସହାୟତା, ବୃଦ୍ଧାଶ୍ରମ, ଅନାଥଶ୍ରମ ପ୍ରତିଷ୍ଠା, ଗାଡି ଚାଳକଙ୍କ ପାଇଁ ତାଲିମ ଓ ସଚେତନତା କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଶିବିର, ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ସୁରକ୍ଷାବଳ ନିୟୋଜନ ଆଦି କରାଗଲେ ସମସ୍ତେ ଉପକୃତ ହୋଇ ପାରିବେ ବୋଲି ମତପ୍ରକାଶ ପାଉଛି। ଏ ନେଇ ନବ ନିର୍ବାଚିତ ସାଧାରଣ ସମ୍ପାଦକ ପ୍ରଦୀପ ବାରିକ କହିଛନ୍ତି, ନୂଆ କର୍ମକର୍ତ୍ତା ଦାୟିତ୍ୱ ନେବା ପରେ କାମକାର୍ଯ୍ୟ ହାତକୁ ନିଆଯିବ। ଟ୍ରକ୍ ମାଲିକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ। ଟୋକନ କଳାବଜାର ରୋକିବା ସହମତି ହେଲେ ଦୁର୍ନୀତିର ଯାଞ୍ଚ ପଦକ୍ଷେପ ନିଆଯିବ।

ପୂର୍ବତନ ସଦସ୍ୟ ସୁବ୍ରତ ମହାନ୍ତି କହିଛନ୍ତି, ନିର୍ବାଚନ ପରେ ଟ୍ରକ୍ ମାଲିକମାନେ ନୂତନ ସଂଘ କାର୍ଯ୍ୟକର୍ତ୍ତାଙ୍କଠାରୁ ବହୁ କିଛି ଆଶା କରିଛନ୍ତି। କେନ୍ଦୁଝର ଜିଲାରେ ଟ୍ରକ୍ ବ୍ୟବସାୟ ଯୋଗୁ ଲକ୍ଷାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଗୁଜୁରାଣ ମେଣ୍ଟାଉଛନ୍ତି। ସଂଘ ପକ୍ଷରୁ ମଧ୍ୟ ପୂର୍ବରୁ ବହୁ ସାମାଜିକ କାମ କରାଯାଇଛି। ଟ୍ରକ ବ୍ୟବସାୟ ଜିଲାର ଅନ୍ୟତମ ଅର୍ଥନୈତିକ ମେରୁଦଣ୍ଡ ସାଜିଥିବା ବେଳେ କେତେକ ପ୍ରଭାବଶାଳୀ ଟ୍ରକ ମାଲିକ, ପରିବହନ ସଂସ୍ଥା ପାଇଁ ଅନେକ ସମୟରେ ବଦନାମ ଓ ଲୋକଙ୍କ ଉପହାସର ଶିକାର ହେବାକୁ ପଡୁଛି। ଟ୍ରକ୍ ମାଲିକଙ୍କ ସହିତ ସାଧାରଣ ଲୋକଙ୍କ ହିତରେ ସଂଘ କାମ କଲେ ପ୍ରଶଂସିତ ହୋଇପାରିବ।

**ମହିଳାଙ୍କ ମୃତଦେହ ଜବତ**

ରାଇରଙ୍ଗପୁର,(ମାନସ ମହାନ୍ତି)- ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ବେଲପାହାଡ଼ି ଗ୍ରାମରୁ ଜଣେ ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ପୋଲିସ ଜବତ କରିଛି। ମୃତ ମହିଳା ଜଣକ ହେଲେ ଉକ୍ତ ଗ୍ରାମର ଗୁପାକ ହେମ୍ବ୍ରମଙ୍କ ସ୍ତ୍ରୀ ମାଲ(୨୪)। ରାଇରଙ୍ଗପୁର ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

**ମୟୂରଭଞ୍ଜ**

# ପରିବର୍ତ୍ତନ ଧାରାରେ ଅଫିମ ଚାଷୀ

ବାରିପଦା, ୩।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଦିନ ଥିଲା ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଲୋକେ ଅଫିମ ଚାଷ କରୁଥିଲେ। ପୋଲିସ ହାତରେ ଧରାପଡ଼ିଯିବା ଆଶଙ୍କାରେ ଭୟାତୁର ଜୀବନ ଅତିବାହିତ କରୁଥିଲେ। ଏବେ କିନ୍ତୁ ସମୟ ବଦଳିଛି। ଚାଷ ସମ୍ପର୍କରେ ଅଜ୍ଞ ଥିବା ଚାଷୀମାନଙ୍କୁ ଅଫିମ ଚାଷଠାରୁ ଦୂରେଇ ନିଆଯାଇ ସ୍ୱାଭାବିକ ପରିସ୍ଥିତିକୁ ଫେରାଇ ଅଣାଯାଇଛି। ଜିଲା ପ୍ରଶାସନର ପ୍ରଚେଷ୍ଟାରେ ଅଫିମ ଚାଷୀମାନେ ଏବେ ପରିବର୍ତ୍ତନ ଧାରାରେ ସାମିଲ ହୋଇ ସାଧାରଣ ଚାଷକାର୍ଯ୍ୟରେ ମନୋନିବେଶ କରିଛନ୍ତି। ଏହାଦ୍ୱାରା ଅନେକ କୋଟି ଟଙ୍କାର ନିଶାଦ୍ରବ୍ୟ କାରବାର ରୋକାଯିବା ସହ ଲୋକମାନଙ୍କୁ ନିଶା କବଳରୁ ମୁକ୍ତି ମିଳିପାରିଛି ।

ସୂଚନା ଅନୁଯାୟୀ, ଯଶୀପୁର ବ୍ଲକ ଅଧୀନ ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ଗୁଡୁଗୁଡିଆ, ବରେହିପାଣି ଓ ଅସ୍ତକୁଅଁର ପଞ୍ଚାୟତରେ ବ୍ୟାପକ ଅଫିମ ଚାଷ ହେଉଥିଲା। ଏହି ପଞ୍ଚାୟତଗୁଡ଼ିକ ଅଧୀନରେ ରହୁଥିବା ଅସନବଣୀ, ଯଜଗଡ଼ା, ଝାଟିପାଣି, ଚାକୁଣ୍ଡାକଟା, ସାରୁଡା, ବୁଢ଼ାବଳଙ୍ଗ, କୁକୁରଭୁକା, ଖେଜୁରୀ ଗ୍ରାମକୁ ମିଶାଇ ୧୪ଟି ଗ୍ରାମରେ ଏକର ଏକର ଜମିରେ ଚାଷ କରି ପୋସ୍ତ ଉତ୍ପାଦନ ସାଙ୍ଗକୁ ଅଫିମ ସଂଗ୍ରହ କରାଯାଉଥିଲା। ଏପରିକି ପୋସ୍ତ ଚାଷ ନାଁରେ ଅଫିମ ବେପାରୀମାନେ ନିରୀହ ବନବାସୀଙ୍କୁ ଅର୍ଥଲୋଭ ଦେଖାଇ ଏହି ଚାଷ କରୁଥିଲେ। ଏହା ଜାଣିବା ପରେ ବନ ବିଭାଗ, ଅବକାରୀ ଓ ପୋଲିସ ପ୍ରଶାସନ ଚଢ଼ାଉ କରି ଅନେକ ଶହ କୋଟି ଟଙ୍କାର ଅଫିମ ଗଛକୁ ନଷ୍ଟ କରିଥିଲେ। ଏହାକୁ ନେଇ ସାରା ରାଜ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଘଟଣାକୁ ନେଇ ପ୍ରଶାସନ ପକ୍ଷରୁ ତଦନ୍ତ ପରେ ତତ୍କାଳୀନ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ପ୍ରଚେଷ୍ଟାରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଏପରିକି ଚାଷ ସମ୍ପର୍କରେ ଅଜ୍ଞ ଥିବା ଲୋକମାନଙ୍କୁ ଦଣ୍ଡବିଧାନ କରିବା ପରିବର୍ତ୍ତେ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ପ୍ରଚେଷ୍ଟା ଆରମ୍ଭ ହୋଇଥିଲା। କୃଷି ବିଭାଗର ସଚିବ ଶୁଭମ ସକସେନା ଅଞ୍ଚଳ ପରିଦର୍ଶନ କରି ଲୋକମାନଙ୍କୁ ସଚେତନ କରିଥିଲେ। ବନ ବିଭାଗ, ଅବକାରୀ ବିଭାଗ, ମତ୍ସ୍ୟ ବିଭାଗ ଜିଲା ଅଧିକାରୀମାନେ ଗାଁକୁ ଗାଁ ଯାଇ ଲୋକମାନଙ୍କୁ ଅଫିମ ଚାଷର ଅପକାରିତା ସମ୍ପର୍କରେ ସୂଚାଇଥିଲେ। ଜୀବନଜୀବିକା ପାଇଁ ଆଦିବାସୀ ଉନ୍ନୟନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । କୃଷି, ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଲୋକମାନଙ୍କୁ ମାଗଣାରେ ଅଦା, ହଳଦୀ, ସପୁରୀ, ମାଣ୍ଡିଆ, ଷ୍ଟବେରୀ, ଲିଚି ଆଦି ଚାଷ କରିବାକୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଲୋକମାନଙ୍କୁ ସାମିଲ କରାଯାଇ ଉଦ୍ୟାନ କୃଷି ସହ ଅନ୍ୟାନ୍ୟ ଚାଷ କରିବାକୁ ସହଯୋଗ ଯୋଗାଇ ଦିଆଯାଇଛି। ଲୋକେ ଏଭଳି ଚାଷ ପ୍ରତି ଆଗ୍ରହ ପ୍ରକାଶ କରି ନିଜ ନିଜ କ୍ଷେତରେ ଚାଷ କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଜିଲା ପ୍ରଶାସନର ଏଭଳି ପ୍ରୟାସକୁ ନେଇ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି। ଆଗାମୀ ଦିନରେ ବାସନା ଚାଉଳର ଧାନ, ସୁଇଟ କର୍ନ ଆଦି ଚାଷ ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରାଯିବା ସହ ଉନ୍ନତମାନର ବିହନ ଓ ଚାଷ ପ୍ରଣାଳୀ ସମ୍ପର୍କରେ ତାଲିମ ପ୍ରଦାନ କରାଯିବ ବୋଲି ବର୍ତ୍ତମାନର ଜିଲାପାଳ ହେମକାନ୍ତ ସାଏ ନିର୍ଦ୍ଦେଶ ଦେଇଛନ୍ତି ।


କୃଷି ଅଧିକାରୀଙ୍କ ଉପସ୍ଥିତିରେ ଚାଷୀମାନେ ଚାଷ କାର୍ଯ୍ୟରେ ଲାଗିଛନ୍ତି।

## ୨ ସପ୍ତାହ ହେଲା ଏଟିଏମ୍ ଅଚଳ

ଗୋପବନ୍ଧୁ ନଗର,୩।୧୦
(ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ କୁଆମରାଠାରେ ଥିବା ଷ୍ଟେଟବ୍ୟାଙ୍କ ଏଟିଏମ୍ ୨ ସପ୍ତାହ ହେଲା ଅଚଳ ହୋଇ ପଡ଼ିଛି। ଏଥିପ୍ରତି କର୍ତ୍ତୃପକ୍ଷଙ୍କ ନିଘା ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ଏଟିଏମ୍‌ଠାରୁ ପ୍ରାୟ ୨୦ କି.ମି, ଦୂର ବୈଶିଙ୍ଗା କିମ୍ବା ଖୁଣ୍ଟାଠାରେ ଏଟିଏମ୍ କାଉଣ୍ଟର ଅଛି। କୁଆମରାସ୍ଥିତ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏଟିଏମ୍ କାଉଣ୍ଟର ଥିବାରୁ ଦୂର ଦୂରାନ୍ତରୁ ଗ୍ରାହକମାନେ ଏହା ଉପରେ ନିର୍ଭର କରି ଟଙ୍କା ଉଠାଇବାକୁ ଆସିଥାନ୍ତି। ମାତ୍ର ଏହା ଅଚଳ ହୋ ପଡ଼ିଥିବାରୁ ଲୋକେ ଟଙ୍କା ଉଠାଇବାକୁ ଆସି ନିରାଶରେ ଫେରୁଥିବା ଦେଖିବାକୁ ମିଳୁଛି। ଏବେ ବ୍ୟାଙ୍କରେ ସୁଭଦ୍ରା ଯୋଜନା ଓ ମାସର ପ୍ରଥମାର୍ଦ୍ଧ ପାଇଁ ଭିଡ଼ ରହୁଥିବାରୁ ଲୋକେ ବିଶେଷ କରି ଏଟିଏମ୍ ଉପରେ ନିର୍ଭର କରୁଛନ୍ତି। ମାତ୍ର ବ୍ୟାଙ୍କଠାରୁ ଉକ୍ତ ଏଟିଏମ୍‌କୁ ଆସି ଫେରିଯିବା ଅଧିକ କଷ୍ଟ ଦେଉଛି। ଫଳରେ ବ୍ୟାଙ୍କରେ ଏବେ ଶତାଧିକ ଗ୍ରାହକ ଧାଡ଼ିରେ ଛିଡ଼ାହୋଇ ଦେଣନେଣ କରୁଥିବା ଦେଖିବାକୁ ମିଳୁଛି। ଆଗକୁ ଦୁର୍ଗା ପୂଜା, କୁମାର ପୂର୍ଣ୍ଣିମା ଆସୁଥିବାରୁ ଗ୍ରାହକଙ୍କ ଚିନ୍ତା ବଢ଼ିଛି। ଆରପଟା, କୁଆମରା, ପୁରୁଣା ବାରିପଦା, ଜୟପୁର, ବରଡିହି, ସାଇଁକୁଳା, କୁଶଳଦା ପ୍ରଭୃତି ଅଞ୍ଚଳର ଲୋକେ ୧୫ କି.ମି. ଦୂର ପଶୁଦା ଷ୍ଟେଟ ବ୍ୟାଙ୍କକୁ ଯାଇ ଟଙ୍କା ଉଠାଣ କରିବାକୁ ବାଧ ହେଉଛନ୍ତି। ଅଧିକାଂଶ ସମୟରେ ବ୍ୟାଙ୍କରେ ଲିଙ୍କ୍ ଫେଲ ରହୁଥିବାରୁ ଗ୍ରାହକଙ୍କୁ ମାନସିକ ଯନ୍ତ୍ରଣା ଭୋଗିବା ସହ ଜରୁରୀ ସମୟରେ ଟଙ୍କା ଉଠାଇ ନ ପାରି ନାନା ହଇରାଣ ହରକତ ହେଉଛନ୍ତି। ଏଥି ପ୍ରତି କର୍ତ୍ତୃପକ୍ଷ ଯଥାଶୀଘ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

**ସଂକ୍ଷେପରେ**

## ଦାୟିତ୍ୱ ଗ୍ରହଣ କଲେ ନୂଆ ଏସ୍‌ପି

ବାରିପଦା,୩।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ମୟୂରଭଞ୍ଜ ଜିଲାର ନୂତନ ଏସ୍‌ପି ଭାବେ ବରୁଣ ଗୁଣ୍ଟୁପାଲି ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲା ପୋଲିସ ମୁଖ୍ୟାଳୟରେ ବିଭାଗ ପକ୍ଷରୁ ଅଧିକାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ପୂର୍ବତନ ଏସପି ଏସ୍ ସୁଶ୍ରୀଙ୍କଠାରୁ ସେ ସମସ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ଜିଲାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ନିମନ୍ତେ ନୂତନ ଏସ୍‌ପି କାର୍ଯ୍ୟ କରିବେ ବୋଲି ଜିଲାବାସୀ ଆଶାବାଦୀ ରହିଛନ୍ତି।


ବରୁଣ ଗୁଣ୍ଟୁପାଲି।

## ମିଲର ସଂଘ ପକ୍ଷରୁ ବିକ୍ଷୋଭ

ବାରିପଦା,୩।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ମୟୂରଭଞ୍ଜ ଜିଲାର ଚାଉଳ ମିଲର ସଂଘ ପକ୍ଷରୁ ୮ ଦଫା ଦାବି ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୮ଦଫା ଦାବିକୁ ନେଇ ମିଲରମାନେ କଳାବ୍ୟାଜ ପରିଧାନ କରି ପ୍ରତିବାଦ କରିଛନ୍ତ। ଦାବିଗୁଡ଼ିକ ମଧ୍ୟରେ ମିଲିଂ ଦର ୨୦ ଟଙ୍କାରୁ ୧୪୦ଟଙ୍କା ବୃଦ୍ଧି, ଚାଉଳ ପରିବହନ ଦର ବୃଦ୍ଧି, ଅଖା ବୁରାରେ ଚାଉଳ ପ୍ୟାକିଂ ଦର ୫୦-୬୦ଟଙ୍କା ବୃଦ୍ଧି, ବର୍ଷ ବର୍ଷ ଧରି ଗୋଦାମରେ ଚାଉଳ ପଡ଼ି ରହିଥିବା ବେଳେ କେବଳ ୩ ମାସର ଟଙ୍କା ପ୍ରଦାନ ହେଉଥିବାରୁ ତାହାର ବୃଦ୍ଧି, କଟନୀ ଛଟନୀ ବନ୍ଦ କରିବା ସହ ଅନ୍ୟାନ୍ୟ ଦାବି ରହିଛି। ଏ ନେଇ ରାଜ୍ୟ ସଂଘ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ମିଲରମାନେ ପ୍ରତିବାଦ କରିଥିବା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ମୁକେଶ ଶର୍ମା, ଅମିତ ପୃଷ୍ଟି, ନୟନ ଚନ୍ଦ୍ର ମାଝୀ, ସୁନୀଲ ଶାହା, ଜୟକିଶାନ ଶାହା, ମୁକେଶ ଧନଧାନିଆ, ବିକାଶ ଅଗ୍ରୱାଲ, ଦିନେଶ ଅଗ୍ରୱାଲ ପ୍ରମୁଖ ମିଲରମାନେ ଉପସ୍ଥିତ ଥିଲେ।

# ପାର୍ବଣ ପାଇଁ ଶାନ୍ତି କମିଟି ବୈଠକ


ବୈଠକରେ ଉପସ୍ଥିତ ଅଧିକାରୀମାନେ।

ରାଇରଙ୍ଗପୁର,୩।୧୦(ମାନସ ମହାନ୍ତି)

ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ବୁଧବାର ପାର୍ବଣ ସକାଶେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ଯୋଗ ଦେଇଥିଲେ। ରାଇରଙ୍ଗପୁର ସହରାଞ୍ଚଳ ସମେତ ୭ଟି ବ୍ଲକ ଅଞ୍ଚଳରେ ଆଗାମୀ ଦୁର୍ଗାପୂଜା, କାଳିପୂଜା ଏବଂ ଗଜଲକ୍ଷ୍ମୀ ପୂଜା ପାଳନ ସକାଶେ ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଜଳ ଯୋଗାଣ, ରାସ୍ତା ଘାଟ ମରାମତି, ବିଦ୍ୟୁତ୍ ଯୋଗାଣ, ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ମାଦକ ଦ୍ରବ୍ୟ ରୋକାଯିବା ଏବଂ ସ୍ୱଚ୍ଛତା ଦିଗରେ ଆଲୋଚନା କରାଯାଇଥିଲା। ଏଥିସହ ପୂଜା ପାଳନ ବେଳେ ସ୍ୱାସ୍ଥ୍ୟ ସେବା କ୍ଷେତ୍ର ଉପରେ ଆଲୋଚନା କରାଯାଇଥିଲା। ପୂଜା ମଣ୍ଡପରେ ଶାନ୍ତି ଶୃଙ୍ଖଳା ପ୍ରତି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ରାଇରଙ୍ଗପୁର ଉପଖଣ୍ଡର ବିଭିନ୍ନ ବ୍ଲକର ବିଡିଓ ଏବଂ ତହସିଲଦାର, ବିଭିନ୍ନ ଥାନାର ଅଧିକାରୀ ,ରାଇରଙ୍ଗପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷା ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ବାଙ୍ଗିରିପୋଷି,୩।୧୦(ସଞ୍ଜୟ କୁମାର ଅଗ୍ରୱାଲା): ସ୍ଥାନୀୟ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳରେ ଶିକ୍ଷା ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ସହ ପାଠଚକ୍ର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ତଥା ଶିକ୍ଷା ବିଭାଗର ମୁଖ୍ୟ ଡ. ପୁଷ୍ପା ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଇତିହାସ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପବିତ୍ର ମୋହନ ଦାଶ ଯୋଗ ଦେଇଥିଲେ। ତୃତୀୟ ବର୍ଷର ଛାତ୍ର କୃତଦେବ ନାଏକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ତୃତୀୟବର୍ଷର ଛାତ୍ର ରାକେଶ ମୁର୍ମୁ ଏବଂ ଦ୍ୱିତୀୟ ବର୍ଷର ଛାତ୍ର ଦେବରଞ୍ଜନ ପାତ୍ର ସନ୍ଦର୍ଭ ସ୍ଥାପନ କରିଥିଲେ। ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ଛାତ୍ରୀଛାମାନଙ୍କୁ ସ୍ୱାଗତ କରିଥିଲେ। ୨୦୨୩-୨୪ ବର୍ଷରେ ସର୍ବୋଚ ନମ୍ବର ରଖିଥିବା ଛାତ୍ରୀ ଛବିରାଣୀ ନାଏକଙ୍କୁ ସମ୍ମାନିତ କରାଯାଇଥିଲା । ତୃତୀୟ ବର୍ଷର ଛାତ୍ରୀ ସୀମା ଏବଂ ଦ୍ୱିତୀୟ ବର୍ଷର ଛାତ୍ରୀ ଲଲିପ୍ସା ନୃତ୍ୟ ପରିବେଷଣ କରିଥିଲେ। ପାନମଣି,ରଶ୍ମିତା,ଦେବସ୍ମିତା ଏବଂ ତୃପ୍ତି ତାଙ୍କର ଅନୁଭୂତିକୁ ବଖାଣିଥିଲେ । ଦ୍ୱିତୀୟ ବର୍ଷର ଛାତ୍ରୀ ରଶ୍ମିତା ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଷୀଙ୍କୁ ପ୍ରୋତ୍ସାହନ କାର୍ଯ୍ୟକ୍ରମ


କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଚାରାରୋପଣ କରାଯାଉଛି।

କରଞ୍ଜିଆ,୩।୧୦(କବିତା ମହାନ୍ତ)

ପାଞ୍ଚପୀଢ଼ ଉପଖଣ୍ଡର ଅଙ୍ଗାରପଦାଠାରେ ଥିବା କୃଷି ବିଜ୍ଞାନ କେନ୍ଦ୍ରରେ କେନ୍ଦ୍ର ଓ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ କୃଷି ଭିତ୍ତିକ ଯୋଜନାର ସଚେତନତା କାର୍ଯ୍ୟକ୍ରମ, ଚାଷୀଙ୍କ ବିକାଶ, ଆର୍ଥିକ ପ୍ରୋତ୍ସାହନ, ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ, ଅଧିକରୁ ଅଧିକ ଉତ୍ପାଦନ ନେଇ ଏକ ଦିନିକିଆ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏଥିରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚାର ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପସଭାପତି ପୁଲିନ ପ୍ରକାଶ ପୁହାଣ, ରାଜ୍ୟ ସମ୍ପାଦକ ପରାଉ ହେମ୍ବ୍ରମ, ଜିଲା ସଭାପତି ମଦନ ମହାନ ମହାନ୍ତ, ଜିଲା ସଂଯୋଜକ ଇଂ. ମନୋଜ କୁମାର ସେଠୀ, ଲକ୍ଷ୍ମଣ ହେମ୍ବ୍ରମ, ଶିବ ପ୍ରସାଦ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡା. ଦୀପକ କୁମାର ମହାନ୍ତି ସଭା ପରିଚାଳନା କରିବା ସହିତ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟ ସଭାପତି ସାହୁ ଉପସ୍ଥିତ ଥିବା ମହିଳା,ପୁରୁଷ କୃଷକମାନଙ୍କ ପାଇଁ ଲାଗୁ କରାଯାଉଥିବା ବିଭିନ୍ନ ଯୋଜନା, କୃଷକମାନଙ୍କୁ ଦିଆଯାଉଥିବା ଆର୍ଥିକ ସହାୟତା, କୃଷକଙ୍କ ପାଇଁ ଜଳ ସେଚନ ବ୍ୟବସ୍ଥା, କୃଷି ଋଣ, ବୀମା କରଣ, ଧାନର ସହାୟକ ମୂଲ୍ୟ ସମ୍ପର୍କରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ସୂର୍ଯ୍ୟମଣୀ ପ୍ରଧାନ, ଦେବାଶିଷ ଜୟପ୍ରିୟା, ପ୍ରିୟାଲତା ମଲ୍ଲିକ, ଦେବାଶିଷ ପଣ୍ଡା, ସଞ୍ଜୟ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦ୍ୱିତୀୟ ପ୍ରର୍ଯ୍ୟାୟରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ମାଛ, କୁକୁଡ଼ା, ଛତୁ, ପରିବା, ଫଳ ଚାଷରେ ତାଲିମପ୍ରାପ୍ତ ଓ ଦକ୍ଷତା ବିକାଶ ଦିଗରେ କୃତକାର୍ଯ୍ୟ ହୋଇଥିବା ଚାଷୀମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଚାରାରୋପଣ କରାଯାଇଥିଲା।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

କୁଳିଅଣା,୩।୧୦(ଆଦିକନ୍ଦ ସାହୁ)

କୁଳିଅଣା ବ୍ଲକ ଅନ୍ତର୍ଗତ ଗାଙ୍ଗରାଜ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟରୁ ବିଭିନ୍ନ ପ୍ରତିଯୋଗିତାରେ ମୋଟ ୧୨୬ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଗାଙ୍ଗରାଜ ଗ୍ରାମ ପଞ୍ଚାୟତର ସରପଞ୍ଚ ଦିଲୀପ ନାଏକ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିମଳ କୁମାର ଆଚାର୍ଯ୍ୟ, ପଞ୍ଚାୟତ ସମିତି ସଦସ୍ୟ କୃଷ୍ଣଚନ୍ଦ୍ର ମହାକୁଡ଼, ଗାଙ୍ଗରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ବେହେରା ପ୍ରମୁଖ ଉପସ୍ଥିତ ହୋଇ ସୁରଭି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସିଆର୍‌ସିସି ଦୀପମାଲା ଯାଦବ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଭୂମିକା ବେହେରା ଓ ଆଞ୍ଚଳ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ମମତା ମୁର୍ମୁ (ସିନିୟର), ପଦ୍ମାବତୀ ମାର୍ଣ୍ଡି (ଜୁନିୟର), ବକ୍ତୃତାରେ ଜ୍ୟୋତିଶ୍ରୀ ବାରିକ (ସିନିୟର), ଇଲକୁସନରେ ହରିଶଙ୍କର ସେନ (ସିନିୟର), ଶୁଚିସ୍ମିତା ମହାକୁଡ଼ (ଜୁନିୟର), ସୃଜନଶୀଳ ଲିଖନରେ ନମିତା ପ୍ରଧାନ (ଜୁନିୟର), ସୋନାଲି ଟୁଡୁ (ସିନିୟର), ଶୃତଲିଖନ ଓ ହସ୍ତାକ୍ଷରରେ ମେଘନା ବେହେରା (ଜୁନିୟର), ପ୍ରବନ୍ଧରେ ଲକ୍ଷ୍ମୀ ମୁର୍ମୁ (ସିନିୟର), କୁଇଜରେ ସୁଚିସ୍ମିତା ମହାକୁଡ଼ (ଜୁନିୟର), ସଂଗୀତରେ ଅମ୍ରିତା ବିନ୍ଧାଣୀ (ସିନିୟର), ଉପାସନା ମୁର୍ମୁ (ଜୁନିୟର), ପିଏମ୍ ପୋଷଣରେ ଅର୍ଚ୍ଚିତା ବେହେରା (ସିନିୟର) ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏଥି ସହିତ ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଦୀପକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଡୁଭିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପତିତପାବନ ଦତ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆନ୍ତଃ ମହାବିଦ୍ୟାଳୟ ଚେସ୍ ପ୍ରତିଯୋଗିତା

ବାଙ୍ଗିରିପୋଷି,୩।୧୦(ସଞ୍ଜୟ କୁମାର ଅଗ୍ରୱାଲା)

ସ୍ଥାନୀୟ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧୀନରେ ଜୋନ-୧ ସ୍ତରୀୟ ଚେସ ପ୍ରତିଯୋଗିତା ଉଭୟ ମହିଳା ଓ ପୁରୁଷ ବିଭାଗରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ପୁଷ୍ପା ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମହିଳା ଓ ପୁରୁଷ ବିଭାଗରେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ବାରିପଦା ବି.ବି ମହାବିଦ୍ୟାଳୟ, ବାଇଗଣବାଡିଆ ସୀମାନ୍ତ ମହାବିଦ୍ୟାଳୟ, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ, ଖୁଣ୍ଟା ମହାବିଦ୍ୟାଳୟର ଖେଳାଳିମାନେ ଅଂଶ ଗ୍ରହଣ କରିଥିଲେ। ପୁରୁଷ ବିଭାଗରେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଚାମ୍ପିୟନ ଓ ବାରିପଦା ମହାବିଦ୍ୟାଳୟ ରନରଅପ ହୋଇଥିଲା। ମହିଳା ବିଭାଗରେ ବାରିପଦା ମହାବିଦ୍ୟାଳୟ ଚାମ୍ପିୟନ ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ରନରଅପ ହୋଇଥିଲା। ଏହି ପ୍ରତିଯୋଗିତାକୁ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ପରିଚାଳନା କରିଥିଲା। ବିଶ୍ୱବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ, ଏମ୍‌ପିସି କଲେଜର ଖେଳ ଶିକ୍ଷକ ସତ୍ୟନାରାୟଣ ବାରିକ, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ଖେଳ ବିଭାଗର ଉପଦେଷ୍ଟା ଡ. ନିର୍ମଳ ଚନ୍ଦ୍ର ସାହୁ, ମନୋଜ କୁମାର ପ୍ରଧାନ, ଦେବାଶିଷ ବେହେରା ଖେଳ ପରିଚାଳନା କରିଥିଲେ।




# ଖୋଲିଲା ଶୀତତାପ ନିୟନ୍ତ୍ରିତ କ୍ୟାବିନ

## ଉଦଳା ମେଡିକାଲ

ଉଦଳା,୩।୧୦(ସନ୍ତୋଷ କୁମାର ବାଛିନୀ)

ଉଦଳା ମେଡିକାଲ ପରିସରରେ ନବନିର୍ମିତ ୨ଟି ଶୀତତାପ ନିୟନ୍ତ୍ରିତ କ୍ୟାବିନ ଖୋଲିଛି। ସୁବାସିନୀ ବେହେରାଙ୍କ ଦ୍ୱାରା ଏହା ମେଡିକାଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ସ୍ୱର୍ଗତ ପିତା ଚିନ୍ତାମଣୀ ବେହେରା, ମାତା ଆଶାମଣୀ ବେହେରା, ସ୍ୱାମୀ ମଦନ ମୋହନ ପୁଥାଳ, ପୁତ୍ର ଅକ୍ଷୟ କୁମାର ପୁଥାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ସୁବାସିନୀ ଏହି କ୍ୟାବିନ ନିର୍ମାଣ ଖର୍ଚ୍ଚ ବହନ କରିଛନ୍ତି। ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ସୁଶାନ୍ତ କୁମାର ବାରିକ, ଉଦଳା ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଓକିଲ ସଂଘର ସମ୍ପାଦକ ବସନ୍ତ କୁମାର ପରିଡ଼ା, ପୂର୍ବତନ କାଉନସିଲର ପ୍ରଭାତ କୁମାର ପରିଡା ଉପସ୍ଥିତ ରହି ସୁବାସିନୀଙ୍କ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ସୁବାସିନୀ ଶିକ୍ଷା ବିଭାଗରୁ ଅବସର ନେବା ପରେ ନିଜର ସଞ୍ଚିତ ଅର୍ଥ ଖର୍ଚ୍ଚ କରି ଡାକ୍ତରଖାନାକୁ ଆସୁଥିବା ରୋଗୀମାନଙ୍କର ହିତ ଉଦ୍ଦେଶ୍ୟରେ ଏହି ଦୁଇଟି କ୍ୟାବିନ ନିର୍ମାଣ କରାଇଛନ୍ତି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ପରିବେଶବିତ କୁଳମଣୀ ବେହେରା, ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଦୁଳମଣୀ ପୁହାଣ ପ୍ରମୁଖ ସହଯୋଗ କରିଥିଲେ। ଏହା ଦ୍ୱାରା ମେଡିକାଲରେ ବିଭିନ୍ନ ସମୟରେ ଦେଖାଯାଉଥିବା ଶଯ୍ୟା ଜନିତ ସମସ୍ୟା ଦୂର ହେବା ସହିତ ରୋଗୀମାନେ ଠିକ୍ ସେବା ପାଇପାରିବେ ବୋଲି ମେଡିକାଲ ଅଧ୍ୟକ୍ଷ ଡା. ଲକ୍ଷ୍ମୀକାନ୍ତ ପତି କହିଛନ୍ତି।



ବିଧାୟକ ଭାସ୍କର ମଢ଼େଇ କ୍ୟାବିନ ଉଦ୍‌ଘାଟନ କରୁଛନ୍ତି।

# କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ସୁରକ୍ଷା

## ଘଟଣାକୁ ଦୁର୍ଘଟଣା ଦର୍ଶାଇ ଖସିବାକୁ ଉଦ୍ୟମ

ବାରିପଦା,୩।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଦୋଷୀମାନେ ଗଳା ବାଟରେ ଖସିଯାଇ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାକୁ ଅପଚେଷ୍ଟା କରୁଛନ୍ତି। ମାତ୍ର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଘଟଣାକୁ ଦୁର୍ଘଟଣାର ରୂପ ଦିଆଯାଇ ଫାଇଲ୍ ବନ୍ଦ କରାଯାଉଛି। ଏପରି ପରିସ୍ଥିତି ସମସ୍ତଙ୍କୁ ଚକିତ କରିବାରେ ଲାଗିଛି। ପ୍ରଶାସନର ନୀରବତାକୁ ନେଇ ଜିଲାବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି ।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୧୩ ଓ ୧୭ରେ ଗଣେଶ ଏବଂ ବିଶ୍ୱକର୍ମା ମୂର୍ତ୍ତି ଭସାଇବାକୁ ଯାଇ ୪ ଛାତ୍ର ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ଏହି ଘଟଣାରେ ବାରିପଦା ସଦର ଥାନା ପୋଲିସ ୟୁରୋଡ଼ଭ୍ କୋଚିଂ ସେଣ୍ଟରର ପରିଚାଳକ ଜଗନ୍ନାଥ ଦତ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସମାନ ଘଟଣାରେ ମଞ୍ଚାବନ୍ଧାସ୍ଥିତ ବ୍ରିଲିଆନ୍ସ ହାୟର ସେକେଣ୍ଡାରୀ ସ୍କୁଲରେ ପଢୁଥିବା +୨ ବିଜ୍ଞାନ ଦ୍ୱିତୀୟ ବର୍ଷର ୨ ଛାତ୍ର ପାଣିରେ ବୁଡ଼ି ମୃତ୍ୟୁ ବରଣ କରିଥିଲେ। ଏହି ଘଟଣାକୁ ନେଇ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ତଦନ୍ତ ପୂର୍ବକ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟ ଅନୁଯାୟୀ,ଛାତ୍ରାବାସ ଦାୟିତ୍ୱରେ ରହୁଥିବା ସୁପରିଣ୍ଟେଣ୍ଡେଣ୍ଟ ଅନୁପସ୍ଥିତ ରହୁଥିବା ବେଳେ ରୋଷେୟା ପରିଚାଳକ ଦାୟିତ୍ୱ ନିର୍ବାହ କରୁଥିଲେ। ଦାୟିତ୍ୱହୀନ ପରିଚାଳନାକୁ ନେଇ ଛାତ୍ର ଦ୍ୱୟ ବିଶ୍ୱକର୍ମା ମୂର୍ତ୍ତି ଭସାଇବାକୁ ଯାଇ ଜୀବନ ହାରିଥିଲେ। ଘଟଣାକୁ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ହାତବାନ୍ଧି ବସିଛି। ନିଜ ଆଡୁ ଏତଲା ଦାୟର କରିବାର ନିୟମ ରହିଥିଲେ ସୁଦ୍ଧା ଘଟଣାର ୧୫ ଦିନ ପରେ ମଧ୍ୟ ପୋଲିସ ନୀରବ ରହିଛି। ଅଦ୍ୟାବଧି ଘଟଣାକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଗୋଟିଏ ହଷ୍ଟେଲର ପରିଚାଳକଙ୍କୁ କୋର୍ଟ ଚାଲାଣ କରିବା ଏବଂ ଅନ୍ୟ ଏକ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ସେହିପରି ସେପ୍ଟେମ୍ବର ୨୪ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ମେଲୋଡି ଦେଖିବା ପାଇଁ ବିନା ଅନୁମତିରେ ଏକ ଛାତ୍ରାବାସରୁ ୬୦ରୁ ଉର୍ଦ୍ଧ୍ୱ ଛାତ୍ରଙ୍କୁ ପଠାଯାଇଥିଲା। ଲଘୁଚାପ ଜନିତ ପ୍ରବଳ ବର୍ଷାରେ ଭିଜି ଭିଜି ଛାତ୍ରମାନେ ରାତି ୧୦ଟାରେ ୩ କି.ମି. ପାଖାପାଖି ଚାଲି ଚାଲି ହଷ୍ଟେଲକୁ ଫେରିଥିଲେ। ଏପରିକି ସେହି ଅନ୍ତେବାସୀଙ୍କ ସହ କୌଣସି ଶିକ୍ଷକ କିମ୍ବା ହଷ୍ଟେଲ କର୍ତ୍ତୃପକ୍ଷ ଯାଇ ନ ଥିବାରୁ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରି ଘଟଣାକୁ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । ଫଳରେ ଛାତ୍ରମାନଙ୍କୁ ନେଇ ଘଟୁଥିବା ଅଘଟଣଗୁଡ଼ିକରେ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ସେମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଛି ବୋଲି ସହରରେ ଚର୍ଚ୍ଚା ଜୋର ଧରିଛି। ଛାତ୍ରମୃତ୍ୟୁକୁ ନେଇ ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାଶଙ୍କୁ ପଚାରିବାରୁ ଘଟଣା ବାବଦରେ ପରିବାର ଲୋକେ ଅଭିଯୋଗ କରି ନାହାନ୍ତି। ଅଭିଯୋଗ ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ପୋଲିସ ନିଜ ଆଡୁ ମାମଲା ରୁଜୁ କରିବା କଥାକୁ ସେ ଏଡାଇ ଯାଇଥିଲେ।

